## ପିପିଲିରେ ଶକ୍ତି ପ୍ରଦର୍ଶନ କଲା ବିଜେଡି

# ଦଳୀୟ ସଂଗଠନକୁ ସୁଦୃଢ଼ କରିବାକୁ ନେଲେ ଶପଥ

ପିପିଲି,୧୧।୨(ସମିସ): ପିପିଲିରେ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଶକ୍ତି ପ୍ରଦର୍ଶନ କଲା ବିଜେଡି। ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ମାଆ ପ୍ରତିଭା ମହାରଥୀ। ପଞ୍ଚାୟତ ଓ ପୌର ନିର୍ବାଚନରେ ପୁଣି ଥରେ ପିପିଲି-ଡେଲାଙ୍ଗ ଦଖଲ କରିବାର ଦମ୍ଭୋକ୍ତି ପ୍ରକାଶ କଲେ ବିଜେଡିର ନେତୃମଣ୍ଡଳୀ। ପିପିଲି ବିଜୁ ଜନତା ଦଳ ମୁଖ୍ୟ କାର୍ଯ୍ୟାଳୟରେ ହଜାର ହଜାର କର୍ମୀ ଏକାଠି ହୋଇ ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନକୁ ସଶକ୍ତ ଓ ସୁଦୃଢ଼ କରିବା ସହିତ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ନେଲେ ବଜ୍ର ଶପଥ। ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ୍ ହାତେଇଥିବା ସରକାରଙ୍କୁ ପଞ୍ଚାୟତ ନିର୍ବାଚନରେ ଭୋଟର ପ୍ରତ୍ୟାଖ୍ୟାନ କରିବେ ବୋଲି ସିଧାସଳଖ ବିଜେଡି ନେତୃବୃନ୍ଦ କହିଥିବାବେଳେ ରୁଦ୍ରଙ୍କ ରାଜନୈତିକ ରଥରେ ମାଆ ପ୍ରତିଭା ମହାରଥୀ ସାରଥୀ ହେବାର ଘୋଷଣା କରିବା ପରେ ଉତ୍ସାହିତ




ହୋଇଛନ୍ତି ଦଳୀୟ କର୍ମୀ।

ଡେଲାଙ୍ଗ-ପିପିଲିରେ ବେଆଇନ ବାଲିଘାଟ, ମୋରମ୍ ଖଣି, ଚୋରା ମାଟି ଚାଲାଣ ଭଳି କାର୍ଯ୍ୟ ଚାଲିଛି। ପିପିଲି ଏବଂ ଡେଲାଙ୍ଗରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପିପିଲିରେ ଯେଉଁଠି ପୁଲିସ ଉପରେ ଆକ୍ରମଣ ହେଉଛି ସେଠି ପୁଲିସ ଚୁପ୍‌ଚାପ୍ ରହିଛି। ଏପରି ସ୍ଥଳେ ପିପିଲିର ସାଧାରଣ ଜନତା କିପରି ସୁରକ୍ଷିତ ରହିବେ ବୋଲି ପ୍ରଶ୍ନ କରିଛନ୍ତି। ପିପିଲି ବ୍ଲକ୍‌ରେ ଉନ୍ନୟନ କାର୍ଯ୍ୟ ପୂରା ଠପ୍। ବ୍ଲକ୍‌ରେ ଦେଢ଼ଶହରୁ ଊର୍ଦ୍ଧ୍ୱ ଫାଇଲ୍ ପଡ଼ିରହିଛି। ଠିକାଦାର ଏବଂ ହିତାଧିକାରୀ କେହି ବିଲ୍ ପାଇପାରୁନାହାନ୍ତି। ବ୍ଲକ୍ କାର୍ଯ୍ୟାଳୟ ଏବେ ଖାଁ ଖାଁ ଲାଗୁଛି। ଗହଳି ନାହିଁ ବୋଲି ବରିଷ୍ଠ କର୍ମୀମାନେ ସେମାନଙ୍କ ଅଭିଭାଷଣରେ କହିଥିଲେ।

ପିପିଲି ବ୍ଲକ୍ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପିପିଲି ବ୍ଲକ୍ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଡେଲାଙ୍ଗ ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ପିପିଲି ପୌରାଞ୍ଚଳ ଅଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ, ସୁଶାନ୍ତ ମଲ୍ଲିକ, ପ୍ରଶନ୍ନ ସାହୁ, ପର୍ଶୁରାମ ମହାପାତ୍ର, ନାରାୟଣ ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ, ବିଶ୍ୱଜିତ୍ ଦାଶ, ମନୋଜ ଦାଶ, ବୈରାଗୀ ଜେନା, ଦେବାଶିଷ ନନ୍ଦ, ଆର୍ତ୍ତବନ୍ଧୁ ସାମନ୍ତରାୟ, ସତ୍ୟଜିତ୍ ରାୟ ଚୌଧୁରୀ, ବିରଜା ପ୍ରସାଦ ପଟ୍ଟନାୟକ, ସୌମ୍ୟ ରଞ୍ଜନ ମହାପାତ୍ର, ପିପିଲି ବ୍ଲକ୍ ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ପୃଷ୍ଟିଙ୍କ ସମେତ ଡେଲାଙ୍ଗ ଓ ପିପିଲିର ୪୬ଟି ପଞ୍ଚାୟତର ସଭାପତି, ସମ୍ପାଦକ, ହଜାର ହଜାର ସଂଖ୍ୟକ କର୍ମୀ ସାମିଲ୍ ହୋଇଥିଲେ।

## ଭକ୍ତ ଦାସିଆ ପୀଠ ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର



ପିପିଲି,୧୧।୨(ସମିସ): ଭକ୍ତ ଦାସିଆଙ୍କ ପୀଠର ଉନ୍ନତିକରଣ ପାଇଁ ୨କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ପ୍ରକଳ୍ପର ବୁଧବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ବାଲିଗାଁଠାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀମତୀ ପରିଡ଼ା ଭକ୍ତ ଦାସିଆଙ୍କ ସମ୍ପର୍କରେ ଲୋକମାନଙ୍କୁ ଭକ୍ତ ଓ ଭଗବାନଙ୍କ ଅପୂର୍ବ ସଂଯୋଗ ବିଷୟରେ କହିଥିଲେ। ଅନ୍ୟତମ ଅତିଥି ଭାବେ ପୁରୀ ଲୋକସଭା ସାଂସଦ ଡ. ସମ୍ବିତ୍ ପାତ୍ର ଯୋଗଦେଇ ଭକ୍ତ ଦାସିଆଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଭକ୍ତ ଦାସିଆଙ୍କ ପୀଠକୁ ପର୍ଯ୍ୟଟକମାନେ କିଭଳି ସୁବିଧାରେ ଆସିପାରିବେ ଓ ସେମାନଙ୍କ ଶୃଙ୍ଖଳିତ ଦର୍ଶନ, ରହଣୀ, ବିଶ୍ରାମ ଓ ଗାଡ଼ି ପାର୍କିଂ ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରକାଶ କରିଥିଲେ। ଏହି ସଭାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ୨୦ ଜଣ ଏମ୍‌ବିକେଙ୍କୁ ଲାପ୍‌ଟପ୍ କିଣିବା ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ଓ ୨ଟି ପଞ୍ଚାୟତର ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୮ ଲକ୍ଷ ୫୦ ହଜାର ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ପ୍ରଦାନ କରିଥିଲେ। ଶେଷରେ ପିପିଲି ବିଡିଓ ସରୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ମଧ୍ୟପ୍ରଦେଶରରୁ ଶ୍ରୀକ୍ଷେତ୍ର ପଦଯାତ୍ରା



ସାକ୍ଷୀଗୋପାଳ,୧୧।୨(ସମିସ): ହାତରେ ରାମନାମ ପତାକା, କପାଳରେ ଚନ୍ଦନ ସିନ୍ଦୂର ଚିତା। ଖାଲିପାଦରେ ଚାଲିଚାଲି ମଧ୍ୟପ୍ରଦେଶରୁ ବାହାରିଛନ୍ତି ନନ୍ଦୁରାମ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହ ବିଶ୍ୱରେ ଶାନ୍ତି, ମୈତ୍ରୀ ଓ ସଦ୍‌ଭାବନା ସ୍ଥାପନା ପାଇଁ ପ୍ରାର୍ଥନା କରିବେ। ଏକତାର ବାର୍ତ୍ତା ପ୍ରଚାର କରିବା ସହ ଜଗତ କଲ୍ୟାଣ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟକୁ ଚାଲିଚାଲି ଆସିଛନ୍ତି ନନ୍ଦୁରାମ। ମଧ୍ୟପ୍ରଦେଶର ଚିତୋର ଜିଲ୍ଲାରୁ ଯାତ୍ରା ଆରମ୍ଭ କରିଥିବା ଏହି ବ୍ୟକ୍ତି ଜଣକ ବୁଧବାର ସାକ୍ଷୀଗୋପାଳ ମନ୍ଦିରରେ ପହଞ୍ଚିଥିଲେ। ଯାତ୍ରା ସମୟରେ ମନ୍ଦିର, ମଠ ଆଦି ଧାର୍ମିକସ୍ଥଳରେ ସେ ବିଶ୍ରାମ କରିବା ସହ ସ୍ଥାନୀୟ ଲୋକଙ୍କୁ ବିଶ୍ୱ ଭ୍ରାତୃତ୍ୱ, ସନାତନ ଧର୍ମ ଓ ଗୋମାତାଙ୍କୁ ସେବା, ସୁରକ୍ଷା ନେଇ ସଚେତନ କରିଥିଲେ। ସାକ୍ଷୀଗୋପାଳ ଠାକୁରଙ୍କୁ ହୋଲି ବେଶରେ ଦର୍ଶନ କରି ସେ ଖୁବ୍ ଆନନ୍ଦ ପ୍ରକାଶ କରିଛନ୍ତି। ବକୁଳ ବନସ୍ଥିତ ସିଦ୍ଧ ମହାବୀର ମନ୍ଦିରରେ ରାତ୍ରୀଯାପନ ନିମନ୍ତେ ମହାବୀର ମନ୍ଦିର କମିଟି ତାଙ୍କର ରହିବା ନିମନ୍ତେ ବ୍ୟବସ୍ଥା କରିଥିଲେ। ପରେ ସେ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା କରିଥିଲେ। ପ୍ରତି ଦିନ ୪୦ କିଲୋମିଟର ଖାଲିପାଦରେ ଚାଲିଚାଲି ଆସିଥିବା ନନ୍ଦୁରାମ ୧୬୦୦କିମି ଯାତ୍ରା କରିଥିବା କହିଛନ୍ତି। ଗତ ଡିସେମ୍ବର ୨ ରୁ ସେ ଏହି ଯାତ୍ରା ଆରମ୍ଭ କରିଥିବା ଜଣାପଡ଼ିଛି।

## ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

ସାକ୍ଷୀଗୋପାଳ,୧୧।୨(ସମିସ): ଆସନ୍ତା ମହାଶିବରାତ୍ରୀ ଜାଗର ଯାତ୍ରା ଅବସରରେ ଭକ୍ତ ସମାଗମକୁ ଦୃଷ୍ଟିରେ ରଖି ସତ୍ୟବାଦୀ ତହସିଲ୍ ତରଫରୁ ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ କାଦୁଆ ପଞ୍ଚାୟତର ବରାଳ ଗ୍ରାମର ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ବରାଳ ବାଲୁଙ୍କେଶ୍ୱରଦେବଙ୍କ ମନ୍ଦିର ଚତୁଃପାଶ୍ୱର୍ରେ ବୁଧବାର ସରକାରୀ ଭୂସମ୍ପତ୍ତିରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ସରକାରୀ ଜମିରେ ହୋଇଥିବା ଦୋକାନ ଓ ଘର ଉଚ୍ଛେଦ ହୋଇଛି। ରାସ୍ତା ଉପରେ ଜମା ହୋଇଥିବା ମାଟି, ବାଲି ଓ ଗୋଡ଼ି ସ୍ଥାନାନ୍ତର କରାଯାଇଥିଲା। ଏହି ଉଚ୍ଛେଦ କାର୍ଯ୍ୟରେ ଗୋଟିଏ ଜେସିବି ଓ ୨ଟି ଟ୍ରାକ୍ଟର ନିୟୋଜିତ ହୋଇଥିଲା। ଅତିରିକ୍ତ ତହସିଲ୍‌ଦାର ଓମ୍ ପ୍ରକାଶ ପରିଡ଼ା, ସଦାନନ୍ଦପୁର ଅତିରିକ୍ତ ରାଜସ୍ୱ ନିରୀକ୍ଷକ ମହେଶ ମଲ୍ଲିକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସତ୍ୟବାଦୀ ପୁଲିସ ଏହି ଉଚ୍ଛେଦ ସମୟରେ ଉପସ୍ଥିତ ଥିଲେ। ସରକାରୀ ଜମିରେ ହୋଇଥିବା ଅବଶିଷ୍ଟ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ସତ୍ୟବାଦୀ ତହସିଲ୍‌ଦାରସନ୍ତୋଷକୁମାରପାଣିଗ୍ରାହୀସୂଚନାଦେଇଥିଲେ।

## ଚିଲିକାରେ ପର୍ଯ୍ୟଟକଙ୍କୁ ମାଡ଼; ୪ ଆହତ

## ମହିଳାଙ୍କୁ କମେଣ୍ଟ ମାରି ଛେଚା ଖାଇଲେ

ବ୍ରହ୍ମଗିରି,୧୧।୨(ସମିସ): ବ୍ରହ୍ମଗିରି ଥାନା ଅଧୀନ ଚିଲିକା ସିପକୁଦା ନିକଟ କାଳିଆବସା ସି ମାଉଥ୍ ନିକଟରେ ଦୁଇ ଗୋଷ୍ଠୀ ମଧ୍ୟରେ ହାତାହାତି ହୋଇ ବ୍ରହ୍ମଗିରି ଥାନାରେ ୪ ଜଣ ପର୍ଯ୍ୟଟକ ଅଟକ ଅଛନ୍ତି। ବୁଧବାର ରାୟପୁର ଜେଟିଠାରୁ ଭୁବନେଶ୍ୱରରୁ ଆସିଥିବା ୮ ଜଣ ପର୍ଯ୍ୟଟକଙ୍କୁ ନେଇ ରାୟପୁରର ଜଣେ ଡଙ୍ଗା ଚାଳକ ସି ମାଉଥ୍ ବୁଲିବା ସହିତ ବଣଭୋଜି କରିବା ପାଇଁ ଯାଇଥିଲେ। ଅପରପକ୍ଷେ ସିପକୁଦା ଜେଟିଠାରୁ ସ୍ଥାନୀୟ ପିରିଜିପୁର ଗ୍ରାମର କିଛି ମହିଳା ଏବଂ ପୁରୁଷମାନଙ୍କୁ ନେଇ ବଣଭୋଜି କରିବା ପାଇଁ ଯାଇଥିଲେ। ଭୁବନେଶ୍ୱରରୁ ଆସିଥିବା ଯୁବକମାନେ ପିରିଜିପୁରରୁ ଆସିଥିବା ମହିଳାମାନଙ୍କୁ କମେଣ୍ଟ କରିଥିଲେ। ଫଳରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସେଠାରେ ଖଣ୍ଡ ଯୁଦ୍ଧ ଆରମ୍ଭ ହୋଇଥିଲା। ଖବର ପାଇ ପିରିଜିପୁର ଗ୍ରାମର ଏକାଧିକ ଯୁବକ ଘଟଣାସ୍ଥଳରେ ପହଞ୍ଚି ଭୁବନେଶ୍ୱରରୁ ଆସିଥିବା ଯୁବକମାନଙ୍କୁ ମାଡ଼ ମାରିଥିଲେ। ଖବରପାଇ ବ୍ରହ୍ମଗିରି ପୁଲିସ ରାୟପୁର ଜେଟିଠାରୁ ଭୁବନେଶ୍ୱରର ୪ ଜଣ ଯୁବକଙ୍କୁ ଧରି ଥାନାରେ ଅଟକ ରଖିଥିବାବେଳେ ଅନ୍ୟ ୪ ଜଣ ଯୁବକ ଖସିଯାଇଥିବା ବ୍ରହ୍ମଗିରି ଏସ୍‌ଆଇ ସାଗର ନାୟକ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାଷୀ ମୃତ

ଚାରିଛକ,୧୧।୨(ସମିସ): ଚାରିଛକ ଥାନା ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତ ଚକରୋଡ଼ା ଗ୍ରାମର ଚାଷୀ ଭାଗୀରଥି ନାୟକ(୬୫)ଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୁଧବାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଭାଗୀରଥି ବୁଧବାର ଚାଷ ଜମିରେ କାମ କରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେଠାରେ ଟଳିପଡ଼ିଥିଲେ। ପରିବାର ଲୋକମାନେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ପରିବାର ଲୋକମାନେ ବିଦ୍ୟୁତ୍ ବିଭାଗ ନିକଟରେ କ୍ଷତିପୂରଣ ଦାବି କରିଥିଲେ। ଖବର ପାଇ ଘଟଣାସ୍ଥଳରେ ବିଦ୍ୟୁତ୍ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କର୍ମଚାରୀ ପହଞ୍ଚି ଶବ ସତ୍କାର ପାଇଁ ୧୫ ହଜାର ଟଙ୍କା, ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ ପରିବାରର ଜଣକୁ ଚାକିରି ଦେବାର ପ୍ରତିଶ୍ରୁତି ଦେବା ପରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି।

## ବ୍ରାଉନ୍‌ସୁଗର ଜବତ; ବେପାରୀ ଗିରଫ

ଚାରିଛକ,୧୧।୨(ସମିସ): ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ ଚାରିଛକ ପୁରୁଣା ଫାଣ୍ଡି ଛକ ନିକଟରେ ଚଢ଼ଉ କରାଯାଇ ଜଣେ ବ୍ରାଉନ୍‌ସୁଗର ବେପାରୀକୁ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ କଟକ ଜିଲ୍ଲା ନିଆଳୀ ଥାନା ଅନ୍ତର୍ଗତ ମାଧବ ଗ୍ରାମର ଦେବ କୁମାର ବେହେରା(୫୩)। ତାଙ୍କଠାରୁ ୩୭୨ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର ଜବତ ହୋଇଛି। ଏହାର ମୂଲ୍ୟ ୩୭ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଉଚି। ତାଙ୍କ ନିକଟରୁ ଗୋଟିଏ ମୋବାଇଲ୍ ଓ ନଗଦ ୧୬୦୦ ଟଙ୍କା ଜବତ କରାଯାଇଥିବା ନିମାପଡ଼ା ଅବକାରୀ ଇନ୍ସପେକ୍ଟର ପ୍ରଭାକର ସେଠୀ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ନିମାପଡ଼ା ଓ ଚାରିଛକ ଥାନା ଅଞ୍ଚଳରେ ବ୍ୟାପକ ବ୍ରାଉନ୍‌ସୁଗର କାରବାର ବୃଦ୍ଧି ପାଉଥିବାବେଳେ ଯୁବପିଢ଼ି ତାହାକୁ ସେବନ କରି ପଥଭ୍ରଷ୍ଟ ହେଉଥିବା ଲକ୍ଷ୍ୟ କରାଯାଉଛି। ବିଶେଷକରି ସ୍ଥାନୀୟ ଅଞ୍ଚଳରେ ଚୋରି, ରାହାଜାନୀ ବୃଦ୍ଧି ପାଉଥିବାବେଳେ ସ୍ଥାନୀୟ ଅବକାରୀ ଓ ପୁଲିସ ବିଭାଗ ନାମକୁ ମାତ୍ର କେତେକ ଛୋଟ ମାଛକୁ ଧରି ବାହାବା ନେଉଥିବା ଜଣାପଡ଼ିଛି।

## ରାଣୀ ଲକ୍ଷ୍ମୀବାଇ ଆତ୍ମ ସୁରକ୍ଷା ତାଲିମ ଶିବିର

କୃଷ୍ଣପ୍ରସାଦ,୧୧।୨(ସମିସ): କୃଷ୍ଣପ୍ରସାଦ ବ୍ଲକ୍‌ର ଚିଲିକା ନୂଆପଡ଼ାସ୍ଥିତ ନାରାୟଣ ବିଦ୍ୟାପୀଠ ପରିସରରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ସିଡିପିଓ ମନୋରମା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପସ୍ତରୀୟ ରାଣୀ ଲକ୍ଷ୍ମୀବାଇ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୀର ଜେନା, ସମ୍ମାନିତ ଅତିଥି ଭାବେ ଦୀପ୍ତିରାଣୀ ଦଣ୍ଡପାଟ, ଲୀନା ମହାପାତ୍ର, ସହକାରୀ ଶିକ୍ଷୟିତ୍ରୀ ଅମ୍ବିକା ନାୟକ, ଅଳକା ଆଚାରୀ ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କୁ ଆତ୍ମରକ୍ଷା ଦକ୍ଷତା, ଆତ୍ମବିଶ୍ୱାସ ଓ ନିଜ ସୁରକ୍ଷା ପ୍ରତି ସଚେତନ ରହିବାର ଆବଶ୍ୟକତା ବିଷୟରେ କହିଥିଲେ। ଶାରୀରିକ ଶିକ୍ଷକ ଅଶୋକ ସାମଲ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ପତିତପାବନ ନୋଡାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନୟାହାଟ,୧୧।୨(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ପଞ୍ଚାୟତର ପତିତପାବନ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓଟର ଶାସନର ବୁଧବାର ରାତିରେ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ



ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସମାଜର ପଥ ପ୍ରଦର୍ଶକ ଓ ପିଲାମାନଙ୍କୁ ଅନ୍ଧାରରୁ ଆଲୋକକୁ ବାଟ ଦେଖାଇଥାନ୍ତି ବୋଲି ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଦାସ ପ୍ରକାଶ କରିଥିଲେ। ଗୋପ ବ୍ଲକ୍‌ର ସହ ମଣ୍ଡଳ ଶିକ୍ଷାଧିକାରୀ ସମ୍ରାଟ ଭଞ୍ଜ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାର ପ୍ରସାର ଓ ବିକାଶ ଦିଗରେ ଶିକ୍ଷକଙ୍କ ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ମିଶ୍ର ସଭାପତିତ୍ୱ କରିଥିବାବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୋପ ବ୍ଲକ୍‌ର ସହ ମଣ୍ଡଳ ଶିକ୍ଷାଧିକାରୀ ଦେବେନ୍ଦ୍ର କାଣ୍ଡି, ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଶିବଦତ୍ତ ନାୟକ, ଶିକ୍ଷକ ସମନ୍ୱୟ ସମିତିର ସଭାପତି ଅଜୟ କୁମାର ରଥ, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ନାୟକ, ଓଟର ଗ୍ରାମ୍ୟ କମିଟି ସଭାପତି ଗୌରାଙ୍ଗ ଚରଣ ମହାନ୍ତି, ଦେସ୍ଥଳି କ୍ଲଷ୍ଟର ସିଆର୍‌ସିସି ଲିଙ୍ଗରାଜ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ପ୍ରତ୍ୟୁଷ କୁମାର ମିଶ୍ର, ଆଶିଷ ମହାନ୍ତି ପ୍ରମୁଖ ବିଦ୍ୟାଳୟର କୁନିକୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ନିମାପଡ଼ା ପ୍ରେସ୍ କ୍ଲବ୍‌ର ସାଧାରଣ ପରିଷଦ ବୈଠକ



ନିମାପଡ଼ା,୧୧।୨(ସମିସ): ସ୍ଥାନୀୟ ଗ୍ରୀନ୍‌ଲ୍ୟାଣ୍ଡ ମଣ୍ଡପରେ ନିମାପଡ଼ା ପ୍ରେସ୍ କ୍ଲବ୍‌ର ଏକ ସାଧାରଣ ପରିଷଦ ବୈଠକ ସଭାପତି ଅକ୍ଷୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରେସ୍ କ୍ଲବ୍‌ର ଗତ ବାର୍ଷିକ ଉତ୍ସବର ଆୟବ୍ୟୟର ସମୀକ୍ଷା, ପ୍ରେସ୍ କ୍ଲବ୍‌ର ନିଜସ୍ୱ ଗୃହ, ଆସନ୍ତା ପଖାଳ ଦିବସ, ନୂତନ ସଦସ୍ୟଙ୍କ ଯୋଗଦାନ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିଶଦ୍‌ଭାବେ ଆଲୋଚନା କରାଯାଇଥିଲା। ବୈଠକରେ ଉପଦେଷ୍ଟା ଶିକ୍ଷାବିତ୍ ଶରତ କୁମାର ସେନାପତି, ବିଚିତ୍ରାନନ୍ଦ ସାହୁ, ମାନସ ଦାସ, ରଞ୍ଜନ କୁମାର ଦାସ, ସମ୍ପାଦକ ରମାକାନ୍ତ ବେହେରା, ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ବେହେରା, ସହସମ୍ପାଦକ ଅଶୋକ କୁମାର ବେହେରା, ସଂଗଠନ ସମ୍ପାଦକ ସୁଦର୍ଶନ ବେହେରା, ସଦସ୍ୟ ସଞ୍ଜୟ କୁମାର ପତି, ମିଳନ ମହାନ୍ତି, ବିଶ୍ୱଜିତ୍ ମିଶ୍ର, ବିରଞ୍ଚିନ ମଲ୍ଲିକ, ତପନ ପଣ୍ଡା, ନଳୀନକାନ୍ତ ପଟ୍ଟନାୟକ, ପ୍ରଶାନ୍ତ କୁମାର ନାୟକ, ବିବେକାନନ୍ଦ ସେଠୀ, ମୋହନ କୁମାର ପାତ୍ର, ସତ୍ୟଜିତ୍ ଆଚାର୍ଯ୍ୟ, ନିବେଦିତା ମିଶ୍ର, ପ୍ରଫୁଲ୍ଲ କର ପ୍ରମୁଖ ଯୋଗଦେଇଥିଲେ।

## ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ



କଣାସ,୧୧।୨(ସମିସ): କଣାସ ବ୍ଲକ୍ ନିକଟବର୍ତ୍ତୀ ଦୟାବିହାରଠାରେ ପ୍ରତିଷ୍ଠିତ ଦୟାବିହାର ସ୍ନାତକ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ଯୁକ୍ତ ୩ ପ୍ରଥମ ବର୍ଷର ୨୦୦ ଜଣ ଛାତ୍ରୀ ଭାଗ ନେଇଥିଲେ। ଗତ ୨ ତାରିଖରୁ ତାଲିମ୍ ଆରମ୍ଭ ହୋଇ ଦୀର୍ଘ ୮ ଦିନ ଧରି ତାଲିମ୍ ପ୍ରଦାନ କରାଯାଇଥିଲା। ଏଥିରେ ୨ ଜଣ ପ୍ରଶିକ୍ଷକ ରଶ୍ମିତା ନାଥ ଓ ସ୍ଥିତିପ୍ରଜ୍ଞା ରାଉତରାୟ ତାଲିମ ପ୍ରଦାନ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନଙ୍କ ଉପରେ ହେଉଥିବା ହିଂସା ଓ ଦୌରାତ୍ମ୍ୟକୁ ରୋକିବା ପାଇଁ ଏହି ଆତ୍ମରକ୍ଷା କୌଶଳ କିପରି ଭାବରେ ଅପରିହାର୍ଯ୍ୟ ତାହା ଉତ୍ସବରେ ଅଧ୍ୟକ୍ଷ ଶ୍ରୀ ବିଶ୍ୱାଳ ଆଲୋଚନା କରିଥିଲେ। ଏଥିରେ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସର କାଉନ୍‌ସିଲର ରବୀନ୍ଦ୍ର ସାହୁ, ଅଧ୍ୟାପକ ଲକ୍ଷ୍ମୀକାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କ ନିରାପତ୍ତା ସୁନିଶ୍ଚିତ କରିବା ଏହି ଶିବିରର ମୁଖ୍ୟ ଲକ୍ଷ୍ୟ। ଅଭ୍ୟାସ ଦ୍ୱାରା କିପରି ଏଥିରେ ପରିପକ୍ୱତା ଲାଭ କରିହୁଏ ସେ ସମ୍ପର୍କରେ ଅବଗତ କରାଇଥିଲେ। ସେଲ୍ଫ ଡିଫେନ୍ସ କ୍ଲବ୍‌ର କୋର୍ଡିନେଟର ସୁପ୍ରଭା ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିବା ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅତିଥିମାନେ ସମସ୍ତ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଖେଳ ଅଧ୍ୟାପକ ପ୍ରଶାନ୍ତ ପ୍ରଧାନ ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ।

## ଯାମଳଗୋଦାରେ ବିଶାଳ ହିନ୍ଦୁ ସମ୍ମିଳନୀ

କଣାସ,୧୧।୨(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଯାମଳଗୋଦାଠାରେ ଗୋପୀନାଥଦେବ ମନ୍ଦିର ସମ୍ମୁଖରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ହନୁମାନ ଚାଳିଶା, ଗାୟତ୍ରୀ ମନ୍ତ୍ର ସହ ନାମ ମହାମନ୍ତ୍ର ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଏକ ଆଧ୍ୟାତ୍ମିକ ଧର୍ମସଭା ଦୁଃଶାସନ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ବୌଦ୍ଧିକ ପ୍ରମୁଖ ମନୋରଞ୍ଜନ ସାମନ୍ତରାୟ, ମୁଖ୍ୟ ଅତିଥି ଭାବେ ନିଖିଳ ଓଡ଼ିଶା ପ୍ରବକ୍ତା ପରିଷଦ କାର୍ଯ୍ୟକାରୀ ସଭାପତି କବି କସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ, ସମ୍ମାନିତ ବକ୍ତା ହେମନ୍ତ ପ୍ରଧାନ ଯୋଗଦେଇ ଭାରତର ଐତିହ୍ୟ, ଗରିମା, ସଂସ୍କୃତି ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଗତିକୃଷ୍ଣ ବାହିନୀପତି, ରାମ ଚନ୍ଦ୍ର ପରିଡ଼ା ସଭା ସଞ୍ଚାଳନ କରିଥିଲେ। ଓକିଲ ପ୍ରଧାନ, କୀର୍ତ୍ତନ ଦଳାଇ, ମୁକେଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତିନୋଟି ପଞ୍ଚାୟତର ୧୬ଟି ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀ ସହ ସ୍ୱୟଂ ସହାୟକ ମହିଳା ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ବଳଙ୍ଗା ଥାନାରେ ନୂତନ ଅଧିକାରୀ



ବଳଙ୍ଗା,୧୧।୨(ସମିସ): ବୁଧବାର ବଳଙ୍ଗା ଥାନାରେ ନୂତନ ଆଇଆଇସି ଭାବେ ସସ୍ମିତା ସାହୁଙ୍କୁ ପୁରୀ ଏସ୍‌ପି ପ୍ରତୀକ୍ ସିଂ ନିଯୁକ୍ତ କରିଛନ୍ତି। ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ଥାନାରେ ଆଇଆଇସି ଭାବେ କାର୍ଯ୍ୟ କରି ଆସୁଥିବା ଦିବ୍ୟରଞ୍ଜନ ପଣ୍ଡାଙ୍କ ଚନ୍ଦନପୁର ଥାନାକୁ ବଦଳି ହୋଇଥିବାବେଳେ ଚନ୍ଦ୍ରଭାଗା ସାମୁଦ୍ରିକ ଥାନାରେ ଥିବା ଥାନା ଅଧିକାରିଣୀ ସସ୍ମିତା ସାହୁ ବଳଙ୍ଗା ଥାନାରେ ଯୋଗଦେବା ପରେ ଥାନା ତରଫରୁ ସ୍ୱାଗତ କାରାଯାଇଥିଲା। ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ କାର୍ଯ୍ୟ କରିବେ ବୋଲି ଶ୍ରୀମତୀ ସାହୁ କହିଛନ୍ତି।

## ୧୫ରୁ ମା' ବଗଳାମୁଖୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ପିପିଲି,୧୧।୨(ସମିସ): ପିପିଲି ଦାଣ୍ଡମୁକୁନ୍ଦପୁର ମା' ବଗଳାମୁଖୀ ପୀଠରେ ଆସନ୍ତା ୧୫ ତାରିଖଠାରୁ ସପ୍ତାହବ୍ୟାପୀ ୧୪୧ କୁଣ୍ଡୀୟ ନିଖିଳ ବ୍ରହ୍ମାଣ୍ଡ ଗାୟତ୍ରୀ ଗୋମାତା ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହେବ। ଏନେଇ ପୀଠଠାରେ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପଣ୍ଡିତ ପୂର୍ଣ୍ଣ ଚନ୍ଦ୍ର ମିଶ୍ର, ସୁଦର୍ଶନ ମିଶ୍ର, ଘନଶ୍ୟାମ ମିଶ୍ର, ଦିବାକର ମିଶ୍ର, ରାଜ କିଶୋର ମିଶ୍ର, ବିଜୟ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ରହି ସପ୍ତାହବ୍ୟାପୀ ଯଜ୍ଞ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ମହାଯଜ୍ଞ ଓଡ଼ିଶା ବାହାରୁ ୨୯୦ ବିଶିଷ୍ଟ ବୈଦିକ ବ୍ରାହ୍ମଣ ରାଜ୍ୟ ତଥା ପୁରୀରୁ ୩୮୦ ଜଣ ବ୍ରାହ୍ମଣ ଯଜ୍ଞ କାର୍ଯ୍ୟରେ ନିୟୋଜିତ ହେବେ ବୋଲି ଆୟୋଜକ କମିଟିର ଅଧ୍ୟକ୍ଷ ପଣ୍ଡିତ ଦେବାଶିଷ ନନ୍ଦ ପ୍ରକାଶ କରିଛନ୍ତି। ଏହି ମହାଯଜ୍ଞ କାର୍ଯ୍ୟକ୍ରମରେ ୨ହଜାର ବ୍ୟକ୍ତି କଳସ ଶୋଭାଯାତ୍ରାରେ ଭାଗନେବାର କାର୍ଯ୍ୟକ୍ରମ ଅଛି। ଏହି କଳସ ଯାତ୍ରାରେ ଓଡ଼ିଶା କଳା, ସଂସ୍କୃତି, ଐତିହ୍ୟର ଝଲକ ପରିପ୍ରକାଶ ହେବ। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେବାର ଅଛି।

## ପ୍ରାଚୀ ନଦୀର ପୁନରୁଦ୍ଧାର ପାଇଁ ୧୫ତମ ପ୍ରାଚୀ ପରିକ୍ରମା

# ପ୍ରତ୍ୟହ ନଦୀରେ ମିଶୁଛି ବର୍ଜ୍ୟବସ୍ତୁ; ସମସ୍ତେ ଚୁପ୍

ଗମ୍ଭାରୀପଦା,୧୧।୨(ସମିସ)

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ପ୍ରାଚୀ ନଦୀ ପୂର୍ବ ଓଡ଼ିଶାର ଏକ ପୁରାତନ ନଦୀ ଅଟେ। ଲୋକକଥା ଅନୁଯାୟୀ, ଏହା ପବିତ୍ର ଗଙ୍ଗାନଦୀଠାରୁ ମଧ୍ୟ ପୁରାତନ। ଯାହାଫଳରେ ପୌରାଣିକ କାଳରେ ମୁନୀଋଷିମାନେ ଏହି ନଦୀ ଅବବାହିକାରେ ବିଭିନ୍ନ ମଠ, ମନ୍ଦିର କରି ଆଶ୍ରମ ଗୁରୁକୁଳ ମାଧ୍ୟମରେ ମାନବ ସଭ୍ୟତାର କ୍ରମ ବିକାଶରେ ଭାଗିଦାରୀ ଥିଲେ। ଯେଉଁ ପ୍ରାଚୀ ଅବବାହିକାରେ ମାନବ ସଭ୍ୟତା ଗଢ଼ିଉଠିଥିଲା ଆଜି ସେହି ମାନବ ସଭ୍ୟତା ନଦୀ ବିଲୁପ୍ତର କାରଣ ପାଲଟିଛି। ବିଲୁପ୍ତ ପ୍ରାୟ ପ୍ରାଚୀ ନଦୀର ପୁନରୁଦ୍ଧାର ପାଇଁ ପରମପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜଙ୍କ ନେତୃତ୍ୱରେ ଦୀର୍ଘ ୧୫ ବର୍ଷ ହେବ ଅନ୍ଧକପିଳେଶ୍ୱର ମନ୍ଦିରଠାରୁ ପ୍ରାଚୀ ପରିକ୍ରମା ଆରମ୍ଭ ହୋଇ ନଦୀ ଉତ୍ତର ପଟର କୂଳରେ ଥିବା ରାଧାକାନ୍ତ ମଠ, ଆର୍ତ୍ତତ୍ରାଣ ଗାଦି, ମାଧବାନନ୍ଦ ମନ୍ଦିର, ଦେଉଳୀ ମଠ, ଅପସରା କ୍ଷେତ୍ର, କେଲୁଣୀ ମୁହାଣ ହୋଇ ନଦୀର ଦକ୍ଷିଣ ପଟରେ ଥିବା ତେନ୍ତୁଳିଆ ମଠ, ରାମେଶ୍ୱର ଘାଟ, ପ୍ରାଚୀଗୁରୁ ଧର୍ମକ୍ଷେତ୍ର, କ୍ଷୀରିଗଛ ମଠ, ଶଙ୍ଖପଡ଼ା, ଶ୍ରୀବୁଦ୍ଧିକେଶ୍ୱର ମନ୍ଦିର, ଅନ୍ତର୍ବେଦୀ ମଠ, ଶେଷରେ ଅନ୍ଧକପିଳେଶ୍ୱର ମନ୍ଦିରରେ ପଙ୍କୋଦ୍ଧାର ଏକାଦଶୀ ଦିନ ପୂର୍ଣ୍ଣାହୁତି ଅନ୍ତେ ପରିକ୍ରମା ସମ୍ପନ୍ନ କରାଯାଇଥାଏ। କିନ୍ତୁ ଦୀର୍ଘ ବର୍ଷ ଧରି ବିଦେଶୀ ସନ୍ଥମାନଙ୍କ ସହିତ ସ୍ୱାମୀ ଶୁଦ୍ଧାନନ୍ଦ ଗିରିଙ୍କ ସମେତ ସମସ୍ତ ସନ୍ଥ ଓ ସ୍ଥାନୀୟ ଜନସାଧାରଣ ୭ ଦିନ ଧରି ଯାତ୍ରା କରୁଥିଲେ ମଧ୍ୟ ନା ସରକାର ପ୍ରାଚୀ ନଦୀର ପୁନରୁଦ୍ଧାର ପାଇଁ କିଛି ପଦକ୍ଷେପ ନେଉଛନ୍ତି ନା ଉପକୂଳବର୍ତ୍ତୀ ଜନସାଧାରଣ ସଚେତନ ହେଉଛନ୍ତି। ନଦୀର ତଟବର୍ତ୍ତୀରେ ଗଢ଼ିଉଠିଥିବା ବାସଗୃହ, ହୋଟେଲ, ରେଷ୍ଟୋରାଁଗୁଡ଼ିକରୁ ପ୍ରତ୍ୟହ ବର୍ଜ୍ୟବସ୍ତୁ ନଦୀରେ ମିଶି ପାଣିକୁ ପୂତିଗନ୍ଧମୟ କରୁଛି। ସେମାନଙ୍କ ଉପରେ ଏ ପ୍ରାଚୀ ପରିକ୍ରମା କୌଣସି ପ୍ରଭାବ ପକାଇପାରୁ ନାହିଁ। ସ୍ଥାନୀୟ ପ୍ରଶାସନ ଆଖି ଥାଇ ଅନ୍ଧ ଭଳି କାର୍ଯ୍ୟ କରୁଛି। ପ୍ରାଚୀ ନଦୀ ପାଇଁ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ କୁମ୍ଭୀର କାନ୍ଦଣା କାନ୍ଦିବା ପରିବର୍ତ୍ତେ ରାଜ୍ୟ ସରକାରଙ୍କ ଉପରେ ଚାପ ସୃଷ୍ଟି କରି ନଦୀ ଶଯ୍ୟାରୁ ୫୦୦ ମିଟର ପର୍ଯ୍ୟନ୍ତ ପଠାକୁ ଜବରଦଖଲ ମୁକ୍ତ କରାଇବା ସହିତ ସ୍ଥାନୀୟ ପ୍ରଶାସନକୁ ନଦୀକୁ ଯାଉଥିବା ବର୍ଜ୍ୟବସ୍ତୁ ବନ୍ଦ କରିବା ପାଇଁ ଅନୁରୋଧ କରିଲେ ହୁଏତ ପ୍ରାଚୀ ନଦୀର ପବିତ୍ରତା ଫେରିଆସନ୍ତା।

## ଗୁରୁ ଦର୍ଶନ କଲେ ପ୍ରାଚୀ ପରିକ୍ରମା ଦଳ

ନୟାହାଟ,୧୧।୨(ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟସ୍ଥିତ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରର ପ୍ରତିଷ୍ଠାତା ସଦ୍‌ଗୁରୁ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଦର୍ଶନ ଲାଭ କଲେ ପ୍ରାଚୀ ପରିକ୍ରମା ଦଳ। ବୁଧବାର ପ୍ରତ୍ୟୁଷରୁ ଏହି ପରିକ୍ରମା ଦଳ କେଲୁଣି ମୁହାଣ, ତେନ୍ତୁଳିଆ ମଠ, ଉଛବ ନିବାସ ଓ ରାମେଶ୍ୱର ପ୍ରାଚୀଘାଟରେ ସନ୍ଧ୍ୟା ଆଳତୀ ଦର୍ଶନ ପରେ, ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରରେ ପହଞ୍ଚିଥିଲେ ବୋଲି ଆଶ୍ରମର ପ୍ରଚାରପ୍ରସାର ସେବକ ପ୍ରୀତି ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏହି ଉପଲକ୍ଷେ ଗୁରୁଦେବଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ବାବାଜୀ ଅକ୍ଷୟ କୁମାର ଦାସ କରିଥିଲେ। ପ୍ରେମାଚାର୍ଯ୍ୟଙ୍କ ରଚିତ ଭଜନ ପ୍ରାଚୀ ନଦୀ ଓ ପ୍ରାଚୀ ସରସ୍ୱତୀ ମାତାଙ୍କ ମହନ୍ତ, ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସ ଗାନ କରିଥିଲେ। ପରେ ପ୍ରାଚୀ ପରିକ୍ରମା ଦଳର ମାର୍ଗଦର୍ଶକ ପରମପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଏହି ପରିକ୍ରମାର ଉଦ୍ଦେଶ୍ୟ



ଉପରେ ଆଲୋଚନା କରିଥିଲେ। ଏହି ଦଳରେ ପୂଜ୍ୟ ଶୁଦ୍ଧାନନ୍ଦ ଗିରି, ମହନ୍ତ ଚିନ୍ତାମଣି ପର୍ବତ, ବାବାଜୀ ଦାମୋଦର ଦାସ, ମହନ୍ତ ରାମ କୃଷ୍ଣ ଦାସ, ବାବାଜୀ ରାମ ଦାସ, ମହନ୍ତ ଦିବ୍ୟ କୃଷ୍ଣ ଦାସ, ବାବା ସତ୍ୟାନନ୍ଦ ଦାସ, ନିତ୍ୟ ପୁରୋଧ ଚିତ୍ତରଞ୍ଜନ ମିଶ୍ରଙ୍କ ସମେତ ଶହଶହ ସାଧୁସନ୍ଥ, ଦେଶ ବାହାରୁ ଆସିଥିବା ଶ୍ରଦ୍ଧାଳୁ ଓ ଭକ୍ତ ସାମିଲ୍ ହୋଇଛନ୍ତି।

୧୧/୨/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୫୮,୪୪୫/- ସୁନା:୦୧.୧୦୦ ଗ୍ରାମ୍ ରୁପା: ୧୨.୦୦୦ ଗ୍ରାମ୍





### ପୁଲିସ କହି ମହିଳାଙ୍କୁ ଟାର୍ଗେଟ କରୁଥିଲେ ବି-ଟେକ୍ ଛାତ୍ର

# ଭିଡିଓ ଭାଇରାଲର ଧମକ ଦେଇ ଟଙ୍କା ଲୁଟୁଥିଲେ




୪ ଏଟିଏମ୍ କାର୍ଡ, ୫ ମୋବାଇଲ୍ ଓ ୩୪ ସିମ୍‌କାର୍ଡ ଜବତ

ପୁରୀ,୧୧।୨(ସମିସ): ନିଜକୁ ପୁଲିସ ଇନ୍ସପେକ୍ଟର ପରିଚୟ ଦେଉଥିଲେ। ଟଙ୍କା ଦିଅ ନଚେତ୍ ତମର ଅଶ୍ଳୀଳ ଭିଡିଓ ଭାଇରାଲ କରିଦିଆଯିବ। ଏମିତି ଧମକ ଦେଇ ମହିଳାଙ୍କୁ ଟାର୍ଗେଟ କରୁଥିଲେ ଜଣେ ବି-ଟେକ୍ ଛାତ୍ର। ପ୍ରାୟ ୨ ବର୍ଷ ପୂର୍ବରୁ ଏଭଳି ଏକ ଅଭିଯୋଗକୁ ନେଇ ତଦନ୍ତ କରୁଥିବା ପୁରୀ ସାଇବର ଥାନା ପୁଲିସ ଶେଷରେ ଅଭିଯୁକ୍ତଙ୍କୁ କାବୁ କରିଛି। ଅଭିଯୁକ୍ତ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ମୁଣ୍ଡନାନୀ ଗ୍ରାମର ମାନସ ରଞ୍ଜନ ଜେନା (୪୫) ବୋଲି ବୁଧବାର ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ପ୍ରତୀକ୍ ସିଂ।

ଏସ୍‌ପି ଶ୍ରୀ ସିଂ କହିଛନ୍ତି, ସାଇବର ଅପରାଧ ନିୟନ୍ତ୍ରଣରେ ପୁରୀ ସାଇବର ଥାନାକୁ ଏକ ବଡ଼ ସଫଳତା ମିଳିଛି। ୨୦୨୩ ସେପ୍ଟେମ୍ବର ୫ରେ ଜଣେ ମହିଳାଙ୍କୁ ଏକ କଲ୍ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ନିଜକୁ ପୁରୀ ପୁଲିସର ଜଣେ ଇନ୍ସପେକ୍ଟର ପରିଚୟ ଦେଇ ମହିଳାଙ୍କୁ ୨ଲକ୍ଷ ୭୦ ହଜାର ଟଙ୍କା ଦେବା ପାଇଁ କହିଥିଲେ। ନଚେତ୍ ତାଙ୍କର ଅଶ୍ଳୀଳ ଭିଡିଓ ଭାଇରାଲ କରିଦେବାର ଧମକ ଦେଇଥିଲେ। ମହିଳା ଜଣକ ତାଙ୍କୁ ୧ଲକ୍ଷ ୩୪ ହଜାର ଟଙ୍କା ଫୋନ୍ ପେ’ କରିଥିଲେ। ପରେ ଆହୁରି ଧମକାଇବା ସହିତ ଭିଡିଓ କଲ୍ କରିବା ପାଇଁ ବାଧ କରିଥିଲା ଅଭିଯୁକ୍ତ। ଏ ନେଇ ମହିଳା ଜଣକ ୨୦୨୩ ସେପ୍ଟେମ୍ବର ୧୪ରେ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ସାଇବର ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତରେ ଜଣାପଡ଼ିଥିଲା ଯେ, ସେହି ଟଙ୍କା ଅନ୍ୟ ଏକ ଆକାଉଣ୍ଟକୁ ଯାଇଛି। ସେହି ଆକାଉଣ୍ଟର ଖୋଳତାଡ଼ ବେଳେ ତାହା ଅନ୍ୟ ଜଣେ ମହିଳାଙ୍କର ବୋଲି ଜଣାପଡ଼ିଥିଲା। ସମ୍ପୃକ୍ତା ମହିଳା ମଧ ଅଭିଯୁକ୍ତ ମାନସର ଶିକାର ହୋଇଥିଲେ। ତାଙ୍କୁ ମଧ ଭିଡିଓ ଭାଇରାଲ କରାଇଦେବାର ଭୟ ଦେଖାଇ ଟଙ୍କା ମାଗିଥିଲେ। ମହିଳା ଜଣକ କିଛି ପଇସା ମଧ ଦେଇଥିଲେ। ମାତ୍ର ଯେତେବେଳେ ଆଉ ଟଙ୍କା ଦେଇପାରି ନ ଥିଲେ ତେଣୁ ମାନସ ମହିଳାଙ୍କୁ ଏକ ଆକାଉଣ୍ଟ ଖୋଲି ତା’ର ଡିଟେଲ୍ସ ଦେବା ଲାଗି କହିଥିଲେ। ଏହି ଆକାଉଣ୍ଟକୁ ବ୍ୟବହାର କରି ସେ ସାଇବର ଠକେଇ କରିପାରିବେ। ସାଇବର ପୁଲିସର ତଦନ୍ତ ବେଳେ ଏହି ଦୁଇ ମହିଳାଙ୍କ ପଛରେ ପଡ଼ିଥିବା ବ୍ୟକ୍ତି ଜଣେ ବୋଲି ପୁଲିସ ସ୍ପଷ୍ଟ ହୋଇଥିଲ। ଏହାପରେ ମାନସଙ୍କୁ କାବୁ କରିଥିଲା। ସେ ବି-ଟେକ୍ ଛାତ୍ର ହୋଇଥିବାରୁ ସେ ଟେକ୍ନିକାଲ ଜ୍ଞାନକୁ ଉପଯୋଗ କରି ଏଭଳି ଠକେଇର ଜାଲ ବିଛାଇଥିଲେ। ତାଙ୍କଠାରୁ ୫ଟି ମୋବାଇଲ୍, ୪ ଏଟିଏମ୍ କାର୍ଡ, ଗୋଟିଏ ବ୍ୟାଙ୍କ ପାସ୍‌ବୁକ୍, ଗୋଟିଏ ଚେକ୍‌ବୁକ୍, ୩୪ଟି ସିମ୍‌କାର୍ଡ ଜବତ କରାଯାଇଛି।

ତେବେ ଅନ୍ୟ ମହିଳାଙ୍କୁ ଏଭଳି ଠକେଇ ଜାଲରେ ଶିକାର କରିଛି କି ନାହିଁ ତାହାର ତଦନ୍ତ ଚାଲିଛି ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

ଅଭିଯୁକ୍ତ ମାନସଙ୍କ ବିରୋଧରେ ପୂର୍ବରୁ ୭ଟି ମାମଲା ବାଲେଶ୍ୱର, ଭୁବନେଶ୍ୱର, ବଲାଙ୍ଗିର, ଟମକା, ବ୍ରହ୍ମପୁର ଆଦି ବିଭିନ୍ନ ଅଞ୍ଚଳରେ ରହିଛି। ତାଙ୍କ ବିରୋଧରେ ସାଇବର ଆକ୍ଟ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେ ପୂର୍ବରୁ ଜେଲ୍ ଯାଇଛନ୍ତି। ତେବେ ମହିଳାଙ୍କୁ ସେ ଅନ୍ୟଜଣେ ବ୍ୟକ୍ତି ତାଙ୍କର ଭିଡିଓ କରିଛି। ସେହି ବ୍ୟକ୍ତିଙ୍କୁ ପଇସା ନ ଦେଲେ ସେ ଭାଇରାଲ କରିଦେବ ବୋଲି ମାନସ ମହିଳାଙ୍କୁ କହି ଟଙ୍କା ଝଡ଼ାଉଥିଲେ। କିଛି ଲୋକଙ୍କୁ ନିଜେ ଭିଡିଓ ଭାଇରାଲ କରାଇଦେବାକୁ କହି ପଇସା ନେଇଥିଲା। କିନ୍ତୁ ବାସ୍ତବରେ ଅଭିଯୁକ୍ତଙ୍କ ପାଖରେ ମହିଳାଙ୍କର ଏମିତି କିଛି ଅଶ୍ଳୀଳ ଭିଡିଓ ନ ଥିବା ତଦନ୍ତବେଳେ ଜଣାପଡ଼ିଛି। ମହିଳାମାନଙ୍କ ସାଇବର ଠକେଇ ବିଷୟରେ ଏତେଟା ଜ୍ଞାନ ନ ଥିବାରୁ ସେମାନେ ଡରିକି ଏଭଳି ଶିକାର ହେଉଛନ୍ତି। ଯଦି ଏମିତି କୌଣସି ବ୍ୟକ୍ତି ଆଚରଣ କରୁଥା’ନ୍ତି ତୁରନ୍ତ ନିକଟସ୍ଥ ଥାନା କିମ୍ବା ସାଇବର ଥାନାକୁ ଜଣାଇବାକୁ କହିଛନ୍ତି ଏସ୍‌ପି ଶ୍ରୀ ସିଂ।

## ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ,୧୧।୨(ସମିସ): ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କର ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟା ୬ଟା ୫ରେ ଦ୍ୱିତୀୟ ଭୋଗମଣ୍ଡପ ସରିବା ପରେ ମଇଲମ, ତଡ଼ପଲାଗି ହୋଇ ସନ୍ଧ୍ୟା ୬ଟା ୩୦ରେ ସନ୍ଧ୍ୟା ଆଳତି ବଢ଼ିଥିଲା। ଏହାପରେ ୬ଟା ୪୦ରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତା’ର ଗରମ ବାଷ୍ପ ଯୋଗୁଁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁଁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

## ଭାରତ ବନ୍ଦ ଡକରାକୁ ଜିଲ୍ଲା କଂଗ୍ରେସର ସମର୍ଥନ

ପୁରୀ,୧୧।୨(ସମିସ): କେନ୍ଦ୍ରୀୟ ମିଳିତ ଟ୍ରେଡ୍ ୟୁନିୟନ ପକ୍ଷରୁ ଗୁରୁବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭାରତ ବନ୍ଦ ଡକରା ଦିଆଯାଇଛି। ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର ଦାବିକୁ ପୁରୀ ଜିଲ୍ଲା କଂଗ୍ରେସ ନିଜର ସମର୍ଥନ ଜଣାଇ ବୁଧବାର ସ୍ଥାନୀୟ ଇନ୍ଦିରା ଭବନ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୮ ଘଣ୍ଟା ବଦଳରେ ୧୦ରୁ ୧୨ ଘଣ୍ଟା କାର୍ଯ୍ୟ ସମୟ, ମହିଳାମାନଙ୍କୁ ରାତିରେ ଡ୍ୟୁଟି ଦେବା ଭଳି ଶ୍ରମ ଆଇନ ପ୍ରତ୍ୟାହାର ଦାବିରେ ଭାରତ ବନ୍ଦ ଡକରାକୁ ଜିଲ୍ଲା କଂଗ୍ରେସ ପ୍ରତ୍ୟକ୍ଷ ଭାବେ ସମର୍ଥନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିବାବେଳେ ଅତ୍ୟାବଶ୍ୟକ ସୁବିଧା ତଥା ଜରୁରୀକାଳୀନ ସେବାରେ ଅବରୋଧ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ଏହି ପ୍ରସ୍ତୁତି ବୈଠକରେ ସୁଜିତ୍ ମହାପାତ୍ର, ବିନାୟକ ଦାସମହାପାତ୍ର, ନିରଞ୍ଜନ ରଥ, ଅମରେନ୍ଦ୍ର ପାଇକରାୟ, ସୁକାନ୍ତ କୁମାର ପ୍ରଧାନ, ସ୍ୱାଧୀନ କୁମାର ପଣ୍ଡା, ରଜତ କୁମାର ସାହୁ, ଆର୍ତ୍ତତ୍ରାଣ ସାହୁ, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ଚେତନ ମିଶ୍ର, ବିଶ୍ୱରଞ୍ଜନ ମହାପାତ୍ର, ଆଦର୍ଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜଗନ୍ନାଥ ବଲ୍ଲଭ ମଠର ନୂତନ ଟ୍ରଷ୍ଟ ବୋର୍ଡ ଗଠନ

ପୁରୀ,୧୧।୨(ସମିସ): ବିଷ୍ଣୁସ୍ୱାମୀ ସମ୍ପ୍ରଦାୟର ଇତିହାସ ପ୍ରସିଦ୍ଧ ଜଗନ୍ନାଥ ବଲ୍ଲଭ ମଠର ନୂତନ ଟ୍ରଷ୍ଟବୋର୍ଡ ଗଠନ ହୋଇଛି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅନେକ ସ୍ୱତନ୍ତ୍ର ନୀତି, ପର୍ବ ଓ ନବକଳେବର ସହ ଜଡ଼ିତ ଏହି ପ୍ରସିଦ୍ଧ ମଠର ନୂତନ ଇଣ୍ଟରିମ୍ ଟ୍ରଷ୍ଟବୋର୍ଡରେ ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ ମହାରାଜ, ପୁରୀ ସଦର ତହସିଲ୍‌ଦାର, ଶ୍ରୀଜଗନ୍ନାଥ ଚେତନାର ବରିଷ୍ଠ ଗବେଷକ ତଥା ଶ୍ରୀମନ୍ଦିରର ପ୍ରାକ୍ତନ ଉପ ପ୍ରଶାସକ ଡ. ଭାସ୍କର ମିଶ୍ର, ବଳାରାମ କୋଟ ମଠ ମହନ୍ତ ରଘୁବୀର ଦାସ ମହାରାଜ, ମହୀପ୍ରକାଶ ମଠର ମହନ୍ତ ସ୍ୱାମୀ ଶୁଭାନନ୍ଦ ପୁରୀ ମହାରାଜ, ପୁରୀ ଟାଉନ ଥାନାର ଇନ୍ସପେକ୍ଟର ଇନ୍‌ଚାର୍ଜ, ମଣିରାମ ମଠର ଅଭିରାମ ଦାସ ପ୍ରମୁଖ ୭ ଜଣଙ୍କୁ ରାଜ୍ୟ ଦେବୋତ୍ତର କମିଶନର ଏକବର୍ଷ ପାଇଁ ନିଯୁକ୍ତି ପ୍ରଦାନ କରିଛନ୍ତି। ଖୁବ୍‌ଶୀଘ୍ର ଇଣ୍ଟରିମ୍ ଟ୍ରଷ୍ଟବୋର୍ଡର ବୈଠକ ଅନୁଷ୍ଠିତ ହୋଇ ସଭାପତି ମନୋନୟନ କରାଯାଇ ଦେବୋତ୍ତର କାର୍ଯ୍ୟାଳୟକୁ ଅବଗତ କରାଯିବା ବିଷୟ ଟ୍ରଷ୍ଟବୋର୍ଡ ସଦସ୍ୟ ନିଯୁକ୍ତି ଆଦେଶପତ୍ରରେ ଉଲ୍ଲେଖ କରାଯାଇଛି।

## ନ୍ୟାୟାଳୟରେ ସଫଳ ଅଭିଯୋଗ ପରିଚାଳନାକାରୀ ସମ୍ମାନିତ

ପୁରୀ,୧୧।୨(ସମିସ): ନ୍ୟାୟାଳୟରେ ସଫଳ ଅଭିଯୋଗ ପରିଚାଳନା ଓ ପୀଡ଼ିତଙ୍କ ପକ୍ଷରେ ଦୃଢ଼ ଭାବେ ମାମଲା ପ୍ରସ୍ତୁତ କରି ଦୋଷୀଙ୍କୁ ଦଣ୍ଡିତ କରାଇବାରେ ଯେଉଁ ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ସେମାନଙ୍କୁ ସମ୍ମାନିତ କରିଛନ୍ତି ଏସ୍‌ପି ପ୍ରତୀକ୍ ସିଂ। ବୁଧବାର ପୁଲିସ ମୁଖ୍ୟାଳୟରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ୫ ଜଣ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର, ଡିଏସ୍‌ପି ତିଲୋତ୍ତମା ରାଉତଙ୍କ ସମନ୍ୱିତ ପ୍ରୟାସ ଫଳରେ ନ୍ୟାୟାଳୟରେ ଦୃଢ଼ ପ୍ରମାଣ, ଆବଶ୍ୟକ ଦଲିଲ୍‌ପତ୍ର ଓ ସାକ୍ଷ୍ୟ ସଠିକ୍ ଭାବରେ ଉପସ୍ଥାପନା କରାଯାଇଥିଲା। ଏହାର ଫଳସ୍ୱରୂପ ପୀଡ଼ିତଙ୍କୁ ନ୍ୟାୟ ମିଳିବା ସହ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏସ୍‌ପି ଶ୍ରୀ ସିଂ ସମ୍ମାନିତ ଅଧିକାରୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରି ତାଙ୍କର ବୃତ୍ତିଗତ ଦକ୍ଷତା, ଦୃଢ଼ ଆଇନ ଜ୍ଞାନ ଓ ଟିମ୍‌ୱାର୍କର ସ୍ୱୀକୃତି ଜଣାଇଥିଲେ। ସେ କହିଥିଲେ ଯେ, ଗୁଣାତ୍ମକ ତଦନ୍ତ, ସଠିକ୍ ଡକ୍ୟୁମେଣ୍ଟେସନ ଓ ପ୍ରୋସିକ୍ୟୁସନ୍ ସହ ସମନ୍ୱୟ ହେଉଛି ଦଣ୍ଡନୀତି ସଫଳତାର ମୂଳ ଚାବି। ପୁରୀ ପୁଲିସ ସଦା ପୀଡ଼ିତମାନଙ୍କୁ ନ୍ୟାୟ ଦେବା ଓ ଦୋଷୀଙ୍କୁ ଆଇନ ଅନୁସାରେ କଠୋର ଶାସ୍ତି ଦେବାରେ ପ୍ରତିବଦ୍ଧ।

### ● ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପ୍ରସ୍ତୁତି ବୈଠକ

## ପ୍ରଥମ ପର୍ଯ୍ୟାୟରେ ୫ ଜିଲ୍ଲାର ୫୦୦ ଶ୍ରଦ୍ଧାଳୁ ଆସିବେ

ପୁରୀ,୧୧।୨(ସମିସ): ଶ୍ରୀଜୀଉମାନଙ୍କ ଦର୍ଶନ ପାଇଁ ସରକାର ପ୍ରଣୟନ କରିଛନ୍ତି ଶ୍ରୀଜଗନ୍ନାଥଙ୍କ ଦର୍ଶନ ଯୋଜନା। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ଆସନ୍ତା ୧୩ ତାରିଖରେ ନବରଙ୍ଗପୁରଠାରୁ ଏହି ଯୋଜନାର ଶୁଭାରମ୍ଭ କରିବେ। ୫୦୦ ଶ୍ରଦ୍ଧାଳୁ ପୁରୀରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିବେ। ଶ୍ରଦ୍ଧାଳୁମାନେ ଯେପରି ଶ୍ରଦ୍ଧା ଓ ଶୃଙ୍ଖଳାର ସହ ମହାପ୍ରଭୁଙ୍କ ଦର୍ଶନ କରି ଫେରିବେ ସେଥିପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ସର୍କିଟ ହାଉସ୍‌ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ମାଧମରେ ବିଭିନ୍ନ ଜିଲ୍ଲାରୁ ଆସୁଥିବା ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଦର୍ଶନ ସହ ଯେପରି ଏକ ସୁଖଦ ଅନୁଭବ ନେଇ ଯିବେ ସେଥିପାଇଁ ସମସ୍ତ ବିଭାଗ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ସରୋଜ କୁମାର ସ୍ୱାଇଁ ଏହି ଯୋଜନା ସମ୍ପର୍କରେ ସୂଚନା ଦେଇ ପ୍ରଥମ ପର୍ଯ୍ୟାୟରେ ୫ଟି ଜିଲ୍ଲାର ୫୦୦ ଶ୍ରଦ୍ଧାଳୁ ଆସିବେ। ୧୩ ତାରିଖ ସନ୍ଧ୍ୟାରେ ପ୍ରାୟ ୨୦୦ ଜଣ ଓ ଅବଶିଷ୍ଟ ୧୪ ତାରିଖ ସକାଳୁ ପହଞ୍ଚିବେ ବୋଲି କହିଥିଲେ। ୬୦ରୁ ୭୫ ବର୍ଷ ବୟସ୍କ ବ୍ୟକ୍ତି ଓ ବିଧବା ମହିଳା ଏହି ଯୋଜନାରେ ସାମିଲ ହୋଇପାରିବେ ଓ ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ସେମାନଙ୍କ ତାଲିକା ପ୍ରସ୍ତୁତ କରି ପୁରୀ ପ୍ରଶାସନକୁ ଦେବେ। ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଦର୍ଶନର ବ୍ୟବସ୍ଥା କରାଇବେ। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୫ ହଜାର ଶ୍ରଦ୍ଧାଳୁ ଦର୍ଶନ କରିବେ ବୋଲି ସେ କହିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, କମାଣ୍ଡାଣ୍ଟ ତାପସ କୁମାର ଦାସ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୌଶିକ ନାୟକ, ଅତିରିକ୍ତ ଏସ୍‌ପି ଦେବୀ ପ୍ରସାଦ ପ୍ରତାପ, ପର୍ଯ୍ୟଟନ ଉପ ସଚିବ ମନୋଜ କୁମାର ବେହେରା, ଡେପୁଟି ଉନ୍ନୟନ ପ୍ରଶାସକ ରଞ୍ଜନ କୁମାର ବେହେରା ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଘରୋଇ ବସ୍ ମାଲିକ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ

## ଗାଁ ରାସ୍ତା ଉନ୍ନତିକରଣ ଓ ଗାଡ଼ି ଭଡ଼ା ବୃଦ୍ଧି ଦାବି



● ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କ ପାଇଁ ରେଷ୍ଟ ଶେଡ୍ ନିର୍ମାଣ ହେଉ
● ବସ୍‌ଷ୍ଟାଣ୍ଡ ଓ ଢାବା ସମ୍ମୁଖରେ ମଦ ଦୋକାନ ବନ୍ଦ ହେଉ

ପୁରୀ,୧୧।୨(ସମିସ): ସ୍ଥାନୀୟ ପୌର ସଦନଠାରେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତିଙ୍କ ସମେତ ଅନ୍ୟ କେତେଜଣ ବିଧାୟକ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ବସ୍ ଚାଳକ, କର୍ମଚାରୀ ଓ ମାଲିକମାନଙ୍କ ସମସ୍ୟାର ବିଭିନ୍ନ ଦିଗକୁ ନେଇ ମାନସମନ୍ଥନ କରାଯାଇଥିଲା। ରାଜ୍ୟରେ ଗଡୁଛି ୧୪ ହଜାର ଘରୋଇ ବସ୍। ୮ ହଜାର ମାଲିକ ରହିଛନ୍ତି। ଏହି ଉଦ୍ୟୋଗ ଦ୍ୱାରା ୫ ଲକ୍ଷ ପରିବାର ପ୍ରତିପୋଷଣ ହେଉଛନ୍ତି। ତେବେ ବସ୍ ଫିଟ୍‌ନେସକୁ ନେଇ ଦେଖାଦେଇପାରେ ବଡ଼ ସମସ୍ୟା। ନୂଆ ଏଟିଏସ୍ ସେଣ୍ଟର୍ ହୋଇ ନ ଥିବାବେଳେ ବାଲେଶ୍ୱର, ବାରିପଦା, ଖୋର୍ଦ୍ଧା, ଫୁଲବାଣୀ ଇତ୍ୟାଦି ସ୍ଥାନରେ ଫିଟ୍‌ନେସ୍ ବନ୍ଦ ହୋଇଯାଇଛି। ଯାହାକୁ ନେଇ ବସ୍‌ଗୁଡ଼ିକ ବନ୍ଦ ହୋଇଯିବା ଭଳି ପରିସ୍ଥିତି ଦେଖାଯିବ ବୋଲି କହିଛନ୍ତି ବସ୍ ମାଲିକ। ଅନ୍ୟପଟରେ ରାଜ୍ୟର ବହୁ ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ପାଇଁ ରେଷ୍ଟ ଶେଡ୍ ନାହିଁ। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଯାତ୍ରୀମାନଙ୍କ ସୁବିଧା ପାଇଁ ସଂଘ ରେଷ୍ଟ ଶେଡ୍ ତିଆରି କରିବା ଲାଗି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ସେହିପରି ବସ୍ ମାଲିକମାନେ କହିଛନ୍ତି ଯେ, ବସ୍‌ଷ୍ଟାଣ୍ଡ ଓ ଢାବାଗୁଡ଼ିକ ସମ୍ମୁଖରେ ମଦ ଦୋକାନ ହେଉଥିବାରୁ ଘଟୁଛି ଦୁର୍ଘଟଣା। ଏଗୁଡ଼ିକୁ ବନ୍ଦ କରିବାକୁ ଦାବି କରିଛି ସଂଘ। ତେବେ ଯେଉଁ ଗାଡ଼ିଗୁଡ଼ିକ ରେଟ୍‌ଚାର୍ଟ ଲଗାଇ ନାହାନ୍ତି ସେମାନେ ଲଗାଇବାକୁ ନିଷ୍ପତ୍ତି ନିଆଯାଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ୨୦୧୬ରୁ ଭଡ଼ା ଅପରିବର୍ତ୍ତିତ ରହିଛି। କମ୍ ଦରରେ ଗାଡ଼ି ଚଳାଚଳ କରୁଛି। ସରକାର ନିଷ୍ପତ୍ତି ନ ନେଲେ ପୁରୁଣା ରେଟ୍‌ରେ ଗାଡ଼ି ଚଳାଇବା କଷ୍ଟକର ହୋଇପଡୁଛି ବୋଲି ସଂଘ କର୍ମକର୍ତ୍ତା ପରିବହନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗାଁ ରାସ୍ତାଗୁଡ଼ିକର ଉନ୍ନତିକରଣ ଦାବି କରିଛି ସଂଘ।

ତେବେ ଗୁରୁବାର ଭାରତ ବନ୍ଦକୁ ଘରୋଇ ବସ୍ ମାଲିକ ସଂଘ ସମର୍ଥନ କରିବ ନାହିଁ। ସ୍ଥିତି ଦେଖି ନିଷ୍ପତ୍ତି ନିଆଯିବ। ଆନ୍ଦୋଳନକାରୀ ବସ୍ ଅଟକାଇଲେ ଯାହା ହେବ। କିନ୍ତୁ ଆନ୍ଦୋଳନ ପାଇଁ ସଂଘର ସମର୍ଥନ ନାହିଁ ବୋଲି କହିଛନ୍ତି ସଂଘର ସଭାପତି ଲୋକନାଥ ପାଣି ଓ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ। ଏହି ଅବସରରେ ସଂଘର ସ୍ମରଣିକାକୁ ପରିବହନ ମନ୍ତ୍ରୀ ଉନ୍ମୋଚନ କରିଥିଲେ।

## ଦେବଦାସୀ ଏକ ସମର୍ପିତ ସେବା କାର୍ଯ୍ୟ



ପୁରୀ,୧୧।୨(ସମିସ): ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭା ଗୃହରେ ବୁଧବାର ପୂର୍ଣ୍ଣ ଦାସ ଫାଉଣ୍ଡେସନ ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ‘ଶ୍ରୀଜଗନ୍ନାଥଙ୍କ ସେବାରେ ଦେବଦାସୀ ପରମ୍ପରା’ ଶୀର୍ଷକ ଆଲୋଚନା, ସମ୍ବର୍ଦ୍ଧନା ଓ ଆଧ୍ୟାତ୍ମିକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଧିବକ୍ତା ପୂର୍ଣ୍ଣ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ମାର୍ଗଦର୍ଶକ ରାଜକିଶୋର ସାହୁ, ବିଶିଷ୍ଟ ଶିକ୍ଷାବିତ୍ ଡ. ଅଭିମନ୍ୟୁ ଭୂୟାଁ, ବରିଷ୍ଠ ସେବାୟତ ପୂର୍ଣ୍ଣ ଚନ୍ଦ୍ର ଗୋଛିକାର, ନୃତ୍ୟଗୁରୁ ରୂପଶ୍ରୀ ମହାପାତ୍ର ଏବଂ ଶିକ୍ଷାବିତ୍ ପ୍ରଦୀପ୍ତ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

**ବିଲୁପ୍ତ ଦେବଦାସୀ ପରମ୍ପରା ସମ୍ପର୍କରେ ଆଲୋଚନା ହେବା ଉଚିତ୍**

ଓଡ଼ିଆଙ୍କ ପ୍ରାଣର ପ୍ରତିଟି ସ୍ପନ୍ଦନରେ ଶ୍ରୀଜଗନ୍ନାଥ ଚେତନା ରୂପ ପାଇଥାଏ। ସେ ରାଜାଧିରାଜ ଓ ଭୋଜନ ପରେ ବିଡ଼ିଆ ପାନ ସେବାଠାରୁ ଆରମ୍ଭ କରି ଶୟନ ସମୟରେ ଦେବଦାସୀ ଗାଆଣୀ ସେବା ନୀତି ସମ୍ପାଦନ କରାଯାଏ। ଏହି ଦେବଦାସୀ ସେବା ଏକ ସମର୍ପିତ ସେବା ଓ ତାହା ବର୍ତ୍ତମାନ ବିଲୁପ୍ତ ହୋଇଯାଇଛି। ଏ ସମ୍ପର୍କରେ ପ୍ରଶାସନ ଓ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେବା ଉଚିତ୍ ବୋଲି ଅତିଥିମାନେ ମତ ରଖିଥିଲେ। ଏତଦ୍‌ବ୍ୟତୀତ ଦେଶ ବିଦେଶରେ ଅଦିନିଆ ରଥଯାତ୍ରାକୁ ବନ୍ଦ ରଖିବା ପାଇଁ ଦୃଢ଼ ପ୍ରତିବାଦ ଜଣାଇଥିଲେ। ଏହି ଅବସରରେ ପଣ୍ଡିତ ସଦାଶିବ ମିଶ୍ରଙ୍କୁ ‘ପୂର୍ଣ୍ଣବ୍ରହ୍ମ ସମ୍ମାନ’, କବି ହରପ୍ରିୟା ସାହୁଙ୍କୁ ‘ଶିଳାବ୍ରହ୍ମ ସମ୍ମାନ’ ଏବଂ ବରିଷ୍ଠ ସେବାୟତ ରାଧାନାଥ ପ୍ରତିହାରୀଙ୍କୁ ‘ସେବାନିଧି ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ସୁସାହିତ୍ୟିକ ଶିବ ସୁନ୍ଦର ମିଶ୍ର ସଞ୍ଚାଳନ କରିଥିବାବେଳେ ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅନେକ କବି ଯୋଗଦେଇ ଆଧ୍ୟାତ୍ମିକ କବିତାପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ରିଷ୍ଣା ମହାପାତ୍ର, ଡ. କଲ୍ୟାଣୀ ନନ୍ଦୀ, ସର୍ବାଣୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

### ବିପର୍ଯ୍ୟୟ ପରିଚାଳନା କର୍ମଶାଳା

# ମାର୍ଗଦର୍ଶିକା ଆଧାରରେ କାର୍ଯ୍ୟ କରିବାକୁ ପରାମର୍ଶ



ପୁରୀ,୧୧।୨(ସମିସ): ବିପର୍ଯ୍ୟୟ ସମୟରେ କୌଣସି ପାତରଅନ୍ତର କରାଯିବା ଉଚିତ୍ ନୁହେଁ। ତେଣୁ ବିପର୍ଯ୍ୟୟର ବହୁ ପୂର୍ବରୁ ଆମେ ଯୋଜନା ପ୍ରସ୍ତୁତ କରିବା, ବିଭିନ୍ନ ବର୍ଗ ପାଇଁ ତାଲିକା ପ୍ରସ୍ତୁତ କରିବା, ଉଦ୍ଧାର ଓ ଥଇଥାନ ପାଇଁ ଯୋଜନା ଅନୁସାରେ ରୂପରେଖ ପ୍ରସ୍ତୁତ କରିବା ସମ୍ପର୍କରେ ଆଲୋକପାତ କରିଛନ୍ତି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା। ବୁଧବାର ସର୍କିଟ୍ ହାଉସ୍‌ରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ବିପର୍ଯ୍ୟୟ ସମୟରେ ଲିଙ୍ଗଗତ ଏବଂ ସାମାଜିକ ଅନ୍ତର୍ଭୁକ୍ତିକୁ ମୁଖ୍ୟଧାରାରେ ପରିଣତ କରିବା ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ବିପର୍ଯ୍ୟୟ ପାଇଁ ଆମେ ତିନୋଟି ପର୍ଯ୍ୟାୟକୁ ଗୁରୁତ୍ୱ ଦେଉ। ବିପର୍ଯ୍ୟୟ ପୂର୍ବ, ବିପର୍ଯ୍ୟୟ ସମୟ ଓ ବିପର୍ଯ୍ୟୟ ପରବର୍ତ୍ତୀ ସମୟକୁ ନେଇ ଯୋଜନା କରନ୍ତି। କିନ୍ତୁ ମାଇକ୍ରୋପ୍ଲାନ୍‌ରେ ପୁରୁଷ, ମହିଳା, ତୃତୀୟଲିଙ୍ଗୀ, ଶିଶୁ, ବୃଦ୍ଧ, ଦିବ୍ୟାଙ୍ଗଙ୍କ ତାଲିକା ପ୍ରସ୍ତୁତ, ସେମାନଙ୍କ ପାଇଁ ରହିବା ବ୍ୟବସ୍ଥା, ସୁରକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ଯୋଜନାର ଆବଶ୍ୟକତା ରହିଛି ବୋଲି ସେ କହିବା ସହ ବିପର୍ଯ୍ୟୟ ପରିଚାଳନାର ପରିବର୍ତ୍ତିତ ମାର୍ଗଦର୍ଶିକା ଆଧାରରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଜେଣ୍ଡର ବିଶେଷଜ୍ଞ ଆରଣ୍ୟକ ମିଶ୍ର ଆମ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବିଶ୍ୱସ୍ତରୀୟ ଓ ଏହାକୁ ବଜାୟ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ବିପର୍ଯ୍ୟୟ ପାଇଁ ପ୍ରସ୍ତୁତି ଏପରି କରିବା ଯେମିତି କ୍ଷତି ବହୁତ କମ୍ ହେବ ବୋଲି ସେ କହିଥିଲେ। ଆମେ କେବଳ ପ୍ରସୂତି ମା’ମାନଙ୍କ ସୁରକ୍ଷା ପାଇଁ ଚିନ୍ତା କରନ୍ତି କିନ୍ତୁ ଗର୍ଭର ପ୍ରାରମ୍ଭିକ ପର୍ଯ୍ୟାୟ ବିବିଧ ସମସ୍ୟା ପାଇଁ ଏବେ ଚିନ୍ତା କରାଯାଉଛି। ସେହିପରି ବିପର୍ଯ୍ୟୟ ପରେ ବାଲ୍ୟବିବାହ, ଡ୍ରପ୍ ଆଉଟ୍, ମାନବ ଚାଲାଣ ଇତ୍ୟାଦି ବୃଦ୍ଧିର ଆଶଙ୍କା ରହୁଥିବାରୁ ସେଥିପ୍ରତି ସତର୍କ ଓ ଯୋଜନା କରିବାକୁ ଆଲୋଚନା କରିଥିଲେ।

ରାଜ୍ୟ ବିପର୍ଯ୍ୟୟ ପରିଚାଳନାର ଜିଏମ୍ ସୁବୋଧ ନାୟକ ଜିଲ୍ଲା ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ସହ ଅଧିକ କିଶୋରୀ, ମହିଳାଙ୍କୁ ବିପର୍ଯ୍ୟୟ ପରିଚାଳନାର ବିବିଧ ତାଲିମ ପ୍ରଦାନ ସମ୍ପର୍କରେ ବ୍ୟବସ୍ଥା କରାଯାଉଥିବା ନେଇ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ ସମସ୍ତଙ୍କୁ ସ୍ୱାଗତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ଏଡିପିଏଚ୍ ଡା. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ନିମାପଡ଼ା ବିଡିଓ ଡା. ଅଭିଜିତ୍ ଷଡ଼ଙ୍ଗୀ, ଗୋପ ବିଡ଼ିଓ ଛବିରାଣୀ ସାହୁ, କାକଟପୁର ବିଡିଓ ନାରାୟଣ ଦୀକ୍ଷିତ, ଅସ୍ତରଙ୍ଗ ବିଡିଓ ସସ୍ମିତା ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଜରୁରୀ ବିଭାଗର ଡିପିଓ ସୁକାନ୍ତ କୁମାର ଦାଶ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

## ବିଜେଡି ପକ୍ଷରୁ ଶୋଭାଯାତ୍ରା ଓ ପ୍ରତିବାଦ

# ‘ଚାଷୀ ଅବହେଳିତ, ନାରୀ ଅସୁରକ୍ଷିତ’

ନୟାଗଡ଼,୧୧ ।୨(ସମିସ)





ନୟାଗଡ଼ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ବୁଧବାର ବିଶାଳ ଶୋଭାଯାତ୍ରା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ଦେବୀପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ନୟାଗଡ଼ ଜିଲ୍ଲା ବିଜେଡି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ନେତା ବେଣୁଧର ପ୍ରଧାନ, ବରିଷ୍ଠ ନେତ୍ରୀ ଇରାନୀ ରାୟ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ । ନୟାଗଡ଼ ଖେଳପଡ଼ିଆଠାରେ ଏକ ପଥପ୍ରାନ୍ତ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ନୟାଗଡ଼ ବିଧାୟକ ଡ. ସାହୁ ସରକାରଙ୍କୁ ଟାର୍ଗେଟ କରିବା ସହ ଚାଷୀଙ୍କ ପ୍ରତି ଅବହେଳା ଚରମ ସ୍ଥିତିରେ ପହଞ୍ଚିଥିବା କହିଥିଲେ । ରାଜ୍ୟରେ ନାରୀ ଅସୁରକ୍ଷିତ । ଏ ଦିଗରେ ସରକାରଙ୍କ ବେପରୁଆ ନୀତିକୁ ତୀବ୍ର ନିନ୍ଦା କରିଥିଲେ । ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ତାଙ୍କ ବକ୍ତବ୍ୟରେ କଲେଜରେ ଛାତ୍ରୀ, ଯୁବତୀ, ମହିଳା ସମସ୍ତେ ଅସୁରକ୍ଷିତ ବୋଲି କହିଥିଲେ । ସମସ୍ତଙ୍କ ମନରେ ଏହାକୁ ନେଇ କ୍ଷୋଭ ଓ ଦୁଃଖ । ମା’ ଆଜି ଅସୁରକ୍ଷିତ, ଚାଷୀ ମଧ୍ୟ ସୁରକ୍ଷିତ ନୁହେଁ ବୋଲି କହିଥିଲେ । ସରକାର ଇସ୍ତାହାର ପ୍ରତିଶ୍ରୁତି ପାଳନ କରିପାରୁ ନାହାନ୍ତି । ଅଧା ଚାଷୀ ଧାନ ବିକ୍ରି କରିପାରୁ ନାହାନ୍ତି । ୪ ମାସ ହେଲା ଭତ୍ତା ମିଳୁନି । ଶହେ ଦିନରେ ୩ ହଜାର ଭତ୍ତା ଦେବା ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଥିଲେ । ଚାଷୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାକୁ ସରକାରଙ୍କୁ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ନେତା ବେଣୁଧର ପ୍ରଧାନ ଆହ୍ୱାନ ଦେଇଥିଲେ । ବିଜେପି କଥା ପାଣିର ଗାର ।

- ୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ
- ଜିଲ୍ଲାପାଳ କାର୍ଯ୍ୟାଳୟକୁ ଧସେଇ ପଶିଲେ

ନୟାଗଡ଼ରେ ଜଣେ ବାକ୍ୟବୀର କହିଥିଲେ ଚିନିକଳ ଚାଲିବ, ସେ କଥା କୁଆଡ଼େ ଗଲା ବୋଲି ବରିଷ୍ଠ ନେତ୍ରୀ ଇରାନୀ ରାୟ ପ୍ରଶ୍ନ କରିଥିଲେ । ଚାଷୀଙ୍କ ଉପରେ ଅନ୍ୟାୟ ଅତ୍ୟାଚାର କରାଯାଉଛି ବୋଲି ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ କହିଥିଲେ ।

ରାଜ୍ୟରେ ଚାଲିଥିବା ସରକାରଙ୍କ ଇଞ୍ଜିନ ଖୋଜିଲେ ମିଳୁନି ବୋଲି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା କହିଥିଲେ । ଜିଲ୍ଲାରେ ୭ରୁ ୧୦ କେଜି କଟନୀଛଟନୀ କରାଯିବାର କାରଣ କ’ଣ ବୋଲି ପ୍ରଶ୍ନ କରିଥିଲେ । ମହିଳା, ଶିଶୁ, ନାରୀ ନିର୍ଯାତିତ କାହିଁକି ବୋଲି ପ୍ରଶ୍ନ କରିଥିଲେ । ବିନା କଟନୀଛଟନୀରେ ଧାନ କିଣିବାକୁ ପ୍ରତିଶ୍ରୁତି ଦେଇଥିବା ସରକାରଙ୍କ ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ପ୍ରଶ୍ନ କରିଥିଲେ । ପଞ୍ଜୀକରଣ ସମସ୍ୟାଠାରୁ ଆରମ୍ଭ କରି ଚାଷୀ ଧାନ ବିକିବା ପାଇଁ ଅକଥନୀୟ ଯନ୍ତ୍ରଣା ଭୋଗୁଥିବା କହିଥିଲେ । ସରକାର ରଙ୍ଗ କରିବା ଛଡ଼ା କିଛି କରିପାରୁ ନାହାଁନ୍ତି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ନୟାଗଡ଼ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର କହଁର, ସରୋଜ ରଣସିଂ, କ୍ଷୀରୋଦ ମହାପାତ୍ର, ନୟାଗଡ଼ ବ୍ଲକ ବିଜେଡି ସଭାପତି ଭଞ୍ଜକିଶୋର ମହାପାତ୍ର, ନଗର ସଭାପତି ଦାଶରଥି ସାହୁ, ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଆଗ ଧାଡ଼ିର ନେତାମାନେ ସାମିଲ ହୋଇଥିଲେ । ଶୋଭାଯାତ୍ରା ଖେଳପଡ଼ିଆଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ୫ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଓ ଚାଷୀ ସାମିଲ ହୋଇଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଭିତରକୁ ସମସ୍ତେ ଧସେଇ ପଶିବା ସହ ନାରବାଜି କରିଥିଲେ । ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ମଧୁମିତା ରଥଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

## ଧାନ କିଣିବାକୁ ପ୍ୟାକ୍ସରେ ନାହିଁ ଟାର୍ଗେଟ୍

**ନୟାଗଡ଼,୧୧ ।୨(ସମିସ):** ନୟାଗଡ଼ ଜିଲ୍ଲାରେ ଧାନକିଣାରେ ଅବ୍ୟବସ୍ଥା ପାଇଁ ପ୍ରଶାସନ ଲଜ୍ଜିତ ହେଉଛି । ମିଲରଙ୍କ ମନମାନିକୁ ନେଇ ସ୍ଥିତି ସରଗରମ ଅବସ୍ଥାରେ ରହିଛି । ଏଭଳି ସ୍ଥିତିରେ ଜିଲ୍ଲାକୁ ମିଳିଥିବା ୯ ଲକ୍ଷ କ୍ୱିଣ୍ଟାଲ ଟାର୍ଗେଟରୁ ଏବେ ସୁଦ୍ଧା ୭ ଲକ୍ଷ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଧାନକିଣା ଶେଷ ହେଲାଣି । ବଳକା ଧାନ କିଣିବା ପାଇଁ ଅନେକ ପ୍ୟାକ୍ସରେ ଟାର୍ଗେଟ ନ ଥିବା ବେଳେ ଜିଲ୍ଲାକୁ ଦ୍ୱିତୀୟ ପର୍ଯ୍ୟାୟ ଟାର୍ଗେଟ କେବେ ଆସିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଭଳି ସ୍ଥିତିରେ ଜିଲ୍ଲାରେ ଚଳିତ ସପ୍ତାହ ଧାନକିଣାରେ ସମସ୍ୟା ସୃଷ୍ଟି ହେବା ଆଶଙ୍କା କରାଯାଉଛି । ଅନ୍ୟପକ୍ଷେ ମିଲରଙ୍କ ମନମାନି, ଗତବର୍ଷରୁ ଅନେକ ମିଲର ଚାଉଳ ବକେୟା ରହିଥିବା ଓ ଅନ୍ୟାନ୍ୟ କାରଣ ପାଇଁ ନୟାଗଡ଼ ଜିଲ୍ଲାକୁ ଅନ୍ୟ ଜିଲ୍ଲାରୁ ମିଲର ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି ।

**ଧାନକିଣାରେ ସାମିଲ ହେବେ ଅନ୍ୟ ଜିଲ୍ଲା ମିଲର**

ଅନ୍ୟ ଜିଲ୍ଲାରୁ ମିଲର ମଗା ଯାଇଥିବା ନେଇ ଜିଲ୍ଲାପାଳ ମଧୁମିତା ରଥ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ୨୦୨୩ରେ ଧାନକିଣାରେ ଅବ୍ୟବସ୍ଥା ପାଇଁ ସମ୍ବଲପୁରରୁ ମିଲର ଆସିଥିଲେ । ଚଳିତ ବର୍ଷ ଅନ୍ୟ ଜିଲ୍ଲାରୁ ମିଲର ଆସିଲେ ଧାନକିଣା ସୁଚାରୁରୂପେ ସମ୍ପାଦିତ ହେବ ବୋଲି ଆଶା କରାଯାଉଛି । ଅନ୍ୟପକ୍ଷେ, ଜିଲ୍ଲାର ଏକ ତୃତୀୟାଂଶ ମଣ୍ଡିରେ ଟାର୍ଗେଟ ଶେଷ ହୋଇଥିବା ବେଳେ ନୂଆ ଟାର୍ଗେଟକୁ ଯୋଗାଣ ବିଭାଗ ଅପେକ୍ଷା କରିଥିବା ଜଣାପଡ଼ିଛି ।

## ଶିଶୁଙ୍କୁ ମୋବାଇଲଠୁ ଦୂରେଇ ରଖିବାକୁ ପରାମର୍ଶ

ଓଡ଼ଗାଁ,୧୧ ।୨(ସମିସ): ଓଡ଼ଗାଁ ବ୍ଲକସ୍ତରୀୟ ଆମ କୁନିପିଲା କାର୍ଯ୍ୟକ୍ରମ ସମ୍ପର୍କିତ ତାଲିମ ଶିବିର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଛି । ବ୍ଲକ ଶିଶୁ ବିକାଶ ଅଧିକାରୀ ଲହଡ଼ିମାଳା ପ୍ରଧାନଙ୍କ ତତ୍ତ୍ୱାବଧାନରେ ମହିଳା ଅଞ୍ଚଳ ପରିଦର୍ଶିକା କାଜଲ ନାୟକ, ବିଦ୍ୟୁତ୍‌ପ୍ରଭା ପରିଡ଼ା, ଜୟଶ୍ରୀ ସାହୁ, ଶ୍ରଦ୍ଧାଞ୍ଜଳି ସାହୁ, ଅନୁପମା ଦାସ ପ୍ରମୁଖ ଅଙ୍ଗନବାଡ଼ି କର୍ମୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମ ପ୍ରଦାନ କରିଥିଲେ । ଜନ୍ମରୁ ୩ ବର୍ଷ ମଧ୍ୟରେ ଶିଶୁମାନଙ୍କ ମସ୍ତିଷ୍କର ବିକାଶ ପାଇଁ ସେମାନଙ୍କୁ ଘର ଓ ପାରିପାଶ୍ୱିକ ବ୍ୟବସ୍ଥା ସହିତ ପରିଚିତ କରାଇବା ସହ ବାପା ମାଆ ଶିଶୁର ରୁଚି ସମ୍ପର୍କରେ ଜାଣିବା ନିତାନ୍ତ ଆବଶ୍ୟକ । ଶିଶୁମାନଙ୍କୁ ବାପା ମା’ କେଉଁ ପ୍ରକାର ପରିଚାଳନା କରିବେ ସେସବୁ ବିଷୟରେ ଅଙ୍ଗନବାଡ଼ି କର୍ମୀମାନେ ତାଲିମ ଗ୍ରହଣ କରିଥିବା ବେଳେ ଏ ସମ୍ପର୍କରେ ସେମାନେ ଶିଶୁମାନଙ୍କ ବାପା ମା’ଙ୍କୁ ସଚେତନ କରାଇବେ । ବିଶେଷ କରି ଶିଶୁମାନଙ୍କୁ ମୋବାଇଲଠାରୁ ଦୂରେଇ ରଖିବେ ।

## ହାପି ମେମୋରିଆଲ, ଏଲପଡ଼ା ସେମିରେ



ଭାପୁର,୧୧ ।୨(ସମିସ): ଭାପୁର ବ୍ଲକ ସମ୍ମୁଖ ଖେଳପଡ଼ିଆରେ ଚାଲିଥିବା ହାପି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଛି । ଏଲପଡ଼ା ଦଳ ଫତେଗଂକୁ ୭ ୱିକେଟରେ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି । ଫତେଗଡ଼ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୯୦ ରନ କରିଥିଲା । ଜବାବରେ ଏଲପଡ଼ା ଦଳ ୧୭.୪ ଓଭରରେ ୩ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା । ନାଲୁ ଦେହୁରୀ ଓ ଜୀବନ ଦାସ ଖେଳ ପରିଚାଳନା କରିଥିଲେ । ସିକୁନ ସାହୁ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ସ୍କୋରର ଭାବେ ଲୁଲୁ ସାହୁ ଓ ବାପୁନି ସାହୁ ଦାୟିତ୍ୱ ତୁଲାଇଥିଲେ । ଅତିଥି ଭାବେ ଅଭିମନ୍ୟୁ ପ୍ରଧାନ ଓ ମନମୋହନ ସାମନ୍ତରାୟ ଯୋଗଦେଇଥିଲେ ।

## ରାଜସୁନାଖଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ମ୍ୟାଚ

# ଟାଏ ବ୍ରେକରରେ ଘାଟିକିଆ ବଜରଙ୍ଗବଳି କ୍ଲବ ବିଜୟୀ



ରଣପୁର,୧୧ ।୨(ସମିସ): ରଣପୁର ବ୍ଲକ ରାଜସୁନାଖଳା ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ରାଜସୁନାଖଳା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ୨୨ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ମ୍ୟାଚ ବୁଧବାର କେରଙ୍ଗ ଏକାଦଶ ଓ ଘାଟିକିଆ ବଜରଙ୍ଗବଳି କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଛି । ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଘାଟିକିଆ ବିଜୟୀ ହୋଇଛି । ଖେଳର ପ୍ରଥମାର୍ଦ୍ଧରେ ଘାଟିକିଆ ଗୋଟିଏ ଗୋଲ ସ୍କୋର କରିଥିଲା । ଦ୍ୱିତୀୟାର୍ଦ୍ଧରେ ଘାଟିକିଆ ଆଉଏକ ଗୋଲ କରିଥିବା ବେଳେ କେରଙ୍ଗ ଦଳ ମଧ୍ୟ ୨ଟି ଗୋଲ କରିଥିଲା । ମ୍ୟାଚ୍ ୨-୨ ଗୋଲରେ ବରାବର ରହିବାରୁ ଟାଏ ବ୍ରେକରର ସହାୟତା ନିଆଯାଇଥିଲା । ଘାଟିକିଆ ଦଳ ୩-୧ ଗୋଲରେ ବିଜୟୀ ହୋଇଛି । ରେଫରି ମିର୍ଜା ସିରାଜୁଦ୍ଦିନ ବେଗ ଖେଳ ପରିଚାଳନା କରିଥିବା ବେଳେ ଲକ୍ଷ୍ମଣ ଚୌଧୁରୀ ଓ ଶିବ ଦେହୁରୀ ଲାଇନରେ ସହାୟତା କରିଥିଲେ । ଚତୁର୍ଥ ରେଫରି ଭାବେ ଆଲୋକ ରଣା ଏବଂ ମ୍ୟାଚ କମିଶନର ଭାବେ ସଦାଶିବ ସାହୁ ଦାୟିତ୍ୱ ତୁଲାଇଥିଲେ । ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଓରି ଗୋଲ୍ଡର ପରିଚାଳନା ନିର୍ଦ୍ଦେଶକ ଏସକେ ଅତାବର, ସମ୍ମାନିତ ଅତିଥି ଭାବେ ରାଜସୁନାଖଳା ସାମ୍ବାଦିକ ସଂଘ ସଭାପତି ଜିତେନ୍ଦ୍ର କୁମାର ସାହୁ, ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ ଉପସଭାପତି ବଲ୍ଲଭ ପ୍ରଧାନ, ମିର୍ଜା ରେହମାନ ବେଗ, ବିଶିକେଶନ ସାହୁ, ତପନ କୁମାର ସାହୁ, ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । ଗୁରୁବାର ଢେଙ୍କାନାଳ ପପୁଲାର କ୍ଲବ ଓ ଭୁବନେଶ୍ୱର ସାନ କ୍ଲବ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି କ୍ଲବ ପକ୍ଷରୁ ସୂଚନା ମିଳିଛି ।

## ଦ୍ରୁତ ଗତିରେ ଚାଲିଛି ଏସ୍‌ଆଇଆର୍ କାର୍ଯ୍ୟ

ଭାପୁର,୧୧ ।୨(ସମିସ): ଭାରତ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଭାପୁର ବ୍ଲକରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି । ବ୍ଲକର ୧୦୧ ବୁଥରେ ବୁଥ ଲେଭୁଲ ଅଫିସର (ବିଏଲ୍‌ଓ)ମାନେ ଘରକୁ ଘର ବୁଲି ଏହି କାର୍ଯ୍ୟ କରୁଛନ୍ତି । ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ଆବଶ୍ୟକ ରହିଛି । ଏହାକୁ ସ୍ୱଚ୍ଛ କରିବା ପାଇଁ ତିନିଟି ବର୍ଗରେ ଦସ୍ତାବିଜ ଆବଶ୍ୟକତା ରହିଛି । ଯେଉଁମାନଙ୍କର ୨୦୨୬ ମସିହା ଭୋଟର ତାଲିକାରେ ନାମ ରହିଛି ସେମାନଙ୍କ ନାମ ୨୦୦୨ ଭୋଟର ତାଲିକାରେ ଥିଲା କି ନାହିଁ, ଯେଉଁମାନଙ୍କ ନାମ ୨୦୨୬ ଭୋଟର ତାଲିକାରେ ରହିଛି ସେମାନଙ୍କ ବାପା ମା’, ଜେଜେ ବାପା ଜେଜେମା’ଙ୍କ ନାମ ୨୦୦୨ ଭୋଟର ତାଲିକାରେ ରହିଛି କି ନାହିଁ, ଯେଉଁ ମହିଳାମାନେ ବିବାହ କରି ଅନ୍ୟ ଗାଁକୁ ଆସିଛନ୍ତି ଓ ଯେଉଁମାନେ ବିବାହ କରି ଅନ୍ୟ ବୁଥ୍‌କୁ ଯାଇଛନ୍ତି ତାହା ଯୋଡ଼ାଯିବ କିମ୍ବା କଟାଯିବ ।

## ନୂତନ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଗଣିଆ,୧୧ ।୨(ସମିସ): ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ରାଜିଙ୍ଗି ଗ୍ରାମରେ ମା’ ବେଢ଼ାକାଳୀଙ୍କ ନୂତନ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଛି । ୩ ଦିନ ଧରି ମନ୍ଦିର ପରିସରରେ ଘୃତଯଜ୍ଞ, ନାମଯଜ୍ଞ, ଦୀପଯଜ୍ଞ, ପ୍ରବଚନ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଛି । ବୁଧବାର ସକାଳେ ଅଷ୍ଟପ୍ରହର ନାମଯଜ୍ଞ ସହ ମଧ୍ୟାହ୍ନ ୧୨ଟାରେ ଭବ୍ୟ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ, ମାଆଙ୍କ ପ୍ରସ୍ତର ପ୍ରତିମାଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା । ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । କର୍ତ୍ତା ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ ଏବଂ ତାଙ୍କ ଧର୍ମପତ୍ନୀ ଉପସ୍ଥିତ ଥିଲେ । ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ରହି ମାଆଙ୍କ କୃପା ଲାଭ କରିଥିଲେ । ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ଗୁରବାର ନଗରକୀର୍ତ୍ତନ ଏବଂ ବିସର୍ଜନ ଯାତ୍ରା ଅନୁଷ୍ଠିତ ହେବ ।

## ଜାହାଜରେ ନାବିକଙ୍କ ଆକସ୍ମିକ ମୃତ୍ୟୁ



ଓଡ଼ଗାଁ,୧୧ ।୨(ସମିସ): ଓଡ଼ଗାଁ ଅଞ୍ଚଳର ବରିଷ୍ଠ ନାବିକ ପୂର୍ଣ୍ଣଚନ୍ଦ୍ର ପାତ୍ର (୫୬)ଙ୍କର ହୃଦଘାତରେ ମୃତ୍ୟୁ ଘଟିଛି । ବୁଧବାର ସକାଳେ ମାଲେସିଆର ଏକ ହସ୍ପିଟାଲରେ ତାଙ୍କୁ ମୃତ ଘୋଷଣା କରାଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ପୂର୍ଣ୍ଣଚନ୍ଦ୍ର ଗତ ୬ ତାରିଖ ଭୁବନେଶ୍ୱରରୁ କୋଲକାତା ଯାଇଥିଲେ । ସେଠାରୁ ଜାହାଜରେ ସିଙ୍ଗାପୁର ଯିବାର ଥିଲା । ୭ ତାରିଖ କାର୍ଯ୍ୟରେ ଯୋଗଦେଇ ଜାହାଜ ନେଇ ମାଲେସିଆ ଅଭିମୁଖେ ବାହାରିଥିଲେ । ମଙ୍ଗଳବାର ରାତିରେ ଭୋଜନ ସାରି ସେ ନିଜ କ୍ୟାବିନରେ ବିଶ୍ରାମ ନେଉଥିଲେ । ବୁଧବାର ସକାଳ ୬ଟାରେ ଉଠି ଡ୍ୟୁଟିରେ ଯୋଗଦେବା କଥା । ହେଲେ ୮ଟା ପର୍ଯ୍ୟନ୍ତ ନ ବାହାରିବାରୁ ସହକର୍ମୀମାନେ ସନ୍ଦେହ କରି କ୍ୟାବିନ ଦ୍ୱାର ଖୋଲିଥିଲେ । ସେଠାରେ ତାଙ୍କୁ ଗୁରୁତର ଅସୁସ୍ଥ ଅବସ୍ଥାରେ ଦେଖି ତୁରନ୍ତ ଏୟାରଲିଫ୍ଟ ମାଧ୍ୟମରେ ମାଲେସିଆର ଏକ ହସ୍ପିଟାଲ ପଠାଯାଇଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୂର୍ଣ୍ଣଚନ୍ଦ୍ର ଓଡ଼ଗାଁ ରଘୁନାଥ ବିଦ୍ୟାପୀଠର ୧୯୮୫ ବ୍ୟାଚ ଛାତ୍ର ଥିଲେ । ତାଙ୍କ ଅକାଳ ବିୟୋଗରେ ସାଥୀମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ଛାତ୍ରୀଙ୍କୁ ଧମକ ଓ ଶୋଷଣ ଅଭିଯୋଗ

# ବ୍ୟାଙ୍କ ପରିଚାଳକ ପାଲଟିଛନ୍ତି କୋଚିଂ ସେଣ୍ଟର ପରିଚାଳକ



**ଖଣ୍ଡପଡ଼ା,୧୧ ।୨(ସମିସ):** ଖଣ୍ଡପଡ଼ା ବ୍ଲକ ଖଳିସାହି ପଞ୍ଚାୟତ ପୁଆଣିଆ ଗ୍ରାମର ଜଣେ ଛାତ୍ରୀଙ୍କୁ ନୟାଗଡ଼ ସହରରେ ଥିବା ଏକ ଘରୋଇ କୋଚିଂ ସେଣ୍ଟରରେ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି । ଫଳରେ ଘରୋଇ ଶିକ୍ଷାନୁଷ୍ଠାନର ଏକଚାଟିଆ କାରବାର ପଦାରେ ପଡ଼ିଛି । ଛାତ୍ରୀଙ୍କ ମା’ ମଞ୍ଜୁଲତା ବେହେରାଙ୍କ ଅଭିଯୋଗ ଅନୁଯାୟୀ ଛାତ୍ରୀ ଜଣକ ଚଳିତବର୍ଷ ନୟାଗଡ଼ ସହରସ୍ଥିତ ବେଦିକ ଅନୁଷ୍ଠାନରେ ଯୁକ୍ତଦୁଇରେ କୋଚିଂ ନିମନ୍ତେ ନାମ ଲେଖାଇଥିଲେ । ଏ ବାବଦରେ ଅନୁଷ୍ଠାନ ତରଫରୁ ବିଭିନ୍ନ ପର୍ଯ୍ୟାୟରେ ୭୦ ହଜାର ଟଙ୍କା ସଂଗ୍ରହ ସହ ରସିଦ ମଧ୍ୟ ଦିଆଯାଇଛି । ତେବେ ନାମଲେଖା ସମୟରେ କୋଚିଂ ସେଣ୍ଟର ପକ୍ଷରୁ କୁହାଯାଇଥିବା ସୁବିଧା ସୁଯୋଗ ଧୀରେ ଧୀରେ ବନ୍ଦ ହେବାକୁ ଲାଗିବା ସହ ପାଠପଢ଼ାରେ ବ୍ୟତିକ୍ରମ ହୋଇଥିଲା । ଫଳରେ ଛାତ୍ରୀ ଜଣକ ବିକଳ୍ପ ଚିନ୍ତା କରି ବାଧ୍ୟ ହୋଇ ଅନୁଷ୍ଠାନ ଛାଡ଼ିଥିଲେ । ମାତ୍ର ଅନୁଷ୍ଠାନ ଛାଡ଼ିବା ପରେ ଆସବାବପତ୍ର ନେବାକୁ ଆସିବା ବେଳେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଅସଲ ରୂପ ପଦାକୁ ଆସିଥିଲା । ଗତ ୩ ମାସ ହେବ ଛାତ୍ରୀ ଏବଂ ଅଭିଭାବକ ବାରମ୍ବାର ଦୌଡ଼ୁଥିଲେ ମଧ୍ୟ ତାଙ୍କ ଆସବାବପତ୍ର ଓ ବହି ଦେବାକୁ କୁଣ୍ଠା ପ୍ରକାଶ କରୁଛନ୍ତି ଅନୁଷ୍ଠାନ କର୍ତ୍ତୃପକ୍ଷ । ଏ ନେଇ ପ୍ରତିବାଦ କଲେ ଅନୁଷ୍ଠାନ ପକ୍ଷରୁ ଧମକ ଚମକ ଦିଆଯାଉଥିବା ଅଭିଯୋଗ ହୋଇଛି । ଶିକ୍ଷା ନାମରେ ଅନୁଷ୍ଠାନ କର୍ତ୍ତୃପକ୍ଷ ଦାଦାଗିରି କରୁଥିବା ଅଭିଭାବକ ଅଭିଯୋଗ କରିଛନ୍ତି । ଏ ନେଇ ଅନୁଷ୍ଠାନର ମୁଖ୍ୟ ପରିଚାଳକ ବଟକୃଷ୍ଣ ବେହେରାଙ୍କ ପ୍ରତିକ୍ରିୟା ନେବାପାଇଁ ଫୋନ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ । ନୟାଗଡ଼ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ପ୍ରତି ଦୃଷ୍ଟି ଦେବା ସହ କୋଚିଂ ସେଣ୍ଟର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛାତ୍ରୀଙ୍କ ପରିବାର ପକ୍ଷରୁ ଦାବି ହୋଇଛି । ସୂଚନାଯୋଗ୍ୟ, ବଟକୃଷ୍ଣ ବେହେରା ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଖଣ୍ଡପଡ଼ା ଶାଖା ପରିଚାଳକ ଭାବେ କାର୍ଯ୍ୟ କରୁଥିବା ବେଳେ କେଉଁ ଭଳି ଭାବେ ଏକ ଘରୋଇ କୋଚିଂ ସେଣ୍ଟରରେ ପରିଚାଳକ ଭାବେ କାର୍ଯ୍ୟ କରୁଛନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ● ରାସ୍ତା ପ୍ରଶସ୍ତୀକରଣ ପାଇଁ ଗଛ ନଷ୍ଟ

# ହିଟାଚି ଜବତ, ଚାଳକ ଗିରଫ

**ଓଡ଼ଗାଁ,୧୧ ।୨(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ ସୋଲପଟାଠାରୁ ଫାଶିପଲ୍ଲୀ ମଧ୍ୟସ୍ଥ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଶସ୍ତୀକରଣ କରାଯାଉଛି । ତେବେ ଠିକାଦାର ମନଇଚ୍ଛା ହିଟାଚି ବ୍ୟବହାର କରି ବନ ବିଭାଗ ପକ୍ଷରୁ ରାସ୍ତା ପାଶ୍ୱର୍ ବନୀକରଣ ଯୋଜନାରେ ଲଗାଯାଇଥିବା ୬୦ରୁ ଊର୍ଦ୍ଧ୍ୱ ବୃକ୍ଷକୁ ଉପାଡ଼ି ଫୋପାଡ଼ି ଦେଇଛନ୍ତି । ଅନେକ ଗଛ ମୂଳରୁ ମାଟି ତାଡ଼ି ଆଣିଥିବାରୁ ତାହା ଉପୁଡ଼ି ପଡ଼ିବା ସମ୍ଭାବନା ସୃଷ୍ଟି ହୋଇଛି । ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରାଙ୍କ ନିର୍ଦ୍ଦେଶରେ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲିକ ଏବଂ



ବନପାଳ ସରିତା ବରାଳ, ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇ, ଦିଲୀପ କୁମାର ପ୍ରଧାନଙ୍କ ସହ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ପ୍ରଶସ୍ତୀକରଣରେ ବ୍ୟବହୃତ ହିଟାଚିକୁ ଜବତ କରିବା ସହ ଚାଳକ ଦଶପଲ୍ଲା ଥାନା ରଙ୍ଗମାଟିଆ ଗାଁର ପିଙ୍କୁ କରମୀଙ୍କୁ ଗିରଫ କରିଛନ୍ତି । ରାସ୍ତା ପ୍ରଶସ୍ତୀକରଣ ବେଳେ ଜାମୁ, ମହୁଲ, କେନ୍ଦୁ, ଚାମୁଣ୍ଡା, କୁମ୍ଭୀ, ଗୋହିରା ଆଦି ଅନେକ ପ୍ରକାରର ଗଛ ସହ ୫ଟି ପୁରୁଣା ତାଳଗଛ ନଷ୍ଟ ହୋଇଛି । ବଡ଼ ଗଛଗୁଡ଼ିକର ଡାଳ କାଟି ଦିଆଯାଇଛି । ବନ ବିଭାଗ ୧.୫ ସିଏମ୍ କାଠ ଜବତ କରି ବନାଞ୍ଚଳ କାର୍ଯ୍ୟାଳୟକୁ ନେଇଛି । ଏ ନେଇ ଏକ ମାମଲା ରୁଜୁ କରି ହିଟାଚି ଚାଳକଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ମାଟ୍ରିକ୍ ପରୀକ୍ଷା

# ୭୫ କେନ୍ଦ୍ର, ୧୨,୨୦୧ ଛାତ୍ରଛାତ୍ରୀ

ନୟାଗଡ଼,୧୧ ।୨(ସମିସ)

ଚଳିତ ବର୍ଷ ଫେବୃଆରୀ ୧୯ରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ । ପରୀକ୍ଷା ସୁଚାରୁରୂପେ ପରିଚାଳନା ପାଇଁ ଜିଲ୍ଲା ଶିକ୍ଷା ବିଭାଗ ଯୋଜନା ପ୍ରସ୍ତୁତ କରିଛି । ଜିଲ୍ଲାରେ ମୋଟ୍ ୭୫ କେନ୍ଦ୍ରରେ ୧୨,୨୦୧ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି । ପ୍ରତି କେନ୍ଦ୍ର ସିସିଟିଭି ଓ କପି ରୋକିବା ପାଇଁ ଜିଲ୍ଲା ସ୍ତରରେ ଦୁଇଟି ସ୍କ୍ୱାଡ୍ କରାଯାଇଛି । ଜିଲ୍ଲାରେ ମୋଟ୍ ୨୩୬ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେବେ । ସେଥିମଧ୍ୟରେ ୧୨,୧୮୫ ରେଗୁଲାର, ୧୫ ଏକ୍ସ-ରେଗୁଲାର ଓ ପତ୍ର ବିନିମୟ ପାଠ୍ୟକ୍ରମ ଜଣଙ୍କୁ ମିଶାଇ ୧୨,୨୦୧ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ପରୀକ୍ଷା ପାଇଁ ୭୫ଟି କେନ୍ଦ୍ର ବ୍ୟବସ୍ଥା କରାଯାଇଛି । ରାଜ୍ୟ ମୁକ୍ତ ବିଦ୍ୟାଳୟ ଅଧୀନରେ ୩୩ ଜଣ ରେଗୁଲାର ଓ ୩୭୦ ଜଣ ଏକ୍ସରେଗୁଲାର ଛାତ୍ରଛାତ୍ରୀଙ୍କୁ ମିଶାଇ ମୋଟ୍ ୪୦୩ ଜଣ ଛାତ୍ରଛାତ୍ରୀ ଏଥର ପରୀକ୍ଷା ଦେଉଛନ୍ତି । ସେମାନଙ୍କ ପାଇଁ ଗୋଟିଏ ପରୀକ୍ଷା କେନ୍ଦ୍ର କରାଯାଇଛି । ଉଭୟ ବର୍ଗର ୧୨,୬୦୪ ଛାତ୍ରଛାତ୍ରୀ ପାଇଁ ମୋଟ୍ ୭୬ ପରୀକ୍ଷା କେନ୍ଦ୍ର କରାଯାଇଛି । ଭାପୁର ବ୍ଲକରେ ୮ ପରୀକ୍ଷା କେନ୍ଦ୍ରରେ ୧୨୫୩ ଜଣ, ଦଶପଲ୍ଲାର ୯ କେନ୍ଦ୍ରରେ ୧୪୪୩ ଜଣ, ଗଣିଆରେ ୩ କେନ୍ଦ୍ରରେ ୪୨୫ ଜଣ, ଖଣ୍ଡପଡ଼ାରେ ୯ କେନ୍ଦ୍ରରେ ୧୩୦୭ ଜଣ, ନୟାଗଡ଼ରେ ୧୪ କେନ୍ଦ୍ରରେ ଏଚଏସସି ଓ ମୁକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ମିଶାଇ ମୋଟ୍ ୨୫୮୮ ଜଣ, ନୂଆଗାଁରେ ୮ କେନ୍ଦ୍ରରେ ୧୧୭୨ ଜଣ, ଓଡ଼ଗାଁରେ ୧୧ କେନ୍ଦ୍ରରେ ୨୦୨୧ ଜଣ ଓ ରଣପୁର ବ୍ଲକରେ ୧୩ କେନ୍ଦ୍ରରେ ୨୩୯୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ଜିଲ୍ଲାରେ ୬ଟି ନୋଡାଲ ସେଣ୍ଟର କରାଯାଇଛି । ଏହି ୬ ସେଣ୍ଟରରୁ ସମସ୍ତ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଯିବ । ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରୁ ୨୦ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଯିବାକୁ ଥିବା ବେଳେ ଦଶପଲ୍ଲା ଉଚ୍ଚ ବିଦ୍ୟାଳୟରୁ ୧୩, ଓଡ଼ଗାଁ ରଘୁନାଥ ଉଚ୍ଚ ବିଦ୍ୟାଳୟରୁ ୧୨, ରଣପୁର ବିସି ଉଚ୍ଚ ବିଦ୍ୟାଳୟରୁ ୧୩, ଖଣ୍ଡପଡ଼ା ଆରସି ଉଚ୍ଚ ବିଦ୍ୟାଳୟରୁ ୧୧ ଓ ଭାପୁର ବ୍ଲକ ଫତେଗଡ଼ ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ରରୁ ୬ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଯୋଗାଇ ଦିଆଯିବ । ଏହି ନୋଡାଲ ସେଣ୍ଟରଗୁଡ଼ିକରେ ପୁଲିସ ଫୋର୍ସ ମୁତୟନ କରାଯିବା ସହ ପ୍ରଶ୍ନପତ୍ର ଯେପରି ଭାଇରାଲ ନ ହୁଏ ସେଥିପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଇଛି ।

## ୩ କେନ୍ଦ୍ରରେ ପରୀକ୍ଷା ଦେବେ ୪୨୫ ଛାତ୍ରଛାତ୍ରୀ

**ଗଣିଆ,୧୧ ।୨(ସମିସ):** ଗଣିଆ ବ୍ଲକର ୩ ପରୀକ୍ଷା କେନ୍ଦ୍ରରେ ୪୨୫ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି । ଆସନ୍ତା ୧୯ ତାରିଖରୁ ପରୀକ୍ଷା ଆରମ୍ଭ ହେଉଛି । କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ଢୋଲମରା ବାପୁଜୀ ବିଦ୍ୟାପୀଠ, ରାସଙ୍ଗ ରାମଚନ୍ଦ୍ର ପ୍ରାଣବନ୍ଧୁ ଉଚ୍ଚ ବିଦ୍ୟାଳୟ ଏବଂ କିଶୋରପ୍ରସାଦ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୧୩୯ ଜଣ ପରୀକ୍ଷା ଦେବାକୁ ଥିବା ବେଳେ ରାସଙ୍ଗ କେନ୍ଦ୍ରରେ ବେଲପଡ଼ାପାଟଣା ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟ, ଛାମୁଣ୍ଡିଆ ଗୁପ୍ତେଶ୍ୱର ବିଦ୍ୟାପୀଠ, ଏବଂ ରାଜିଙ୍ଗି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୧୧୩ ଜଣ ଏବଂ ଆଡ଼କଟା କେନ୍ଦ୍ରରେ କିଶୋରଚନ୍ଦ୍ର ନୋଡାଲ ବିଦ୍ୟାପୀଠ ଓ ନାରାୟଣ ପ୍ରସାଦ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୧୭୩ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି । ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବାଧ୍ୟତାମୂଳକ କରାଯାଇଛି । ପରୀକ୍ଷା ଶାନ୍ତିଶୃଙ୍ଖଳାରେ ପରିଚାଳନା ପାଇଁ ଶିକ୍ଷା ବିଭାଗ ତରଫରୁ ସମସ୍ତ ପ୍ରସ୍ତୁତି କରାଯାଇଥିବା ବିଇଓ ଲିପ୍ସା ନନ୍ଦ କହିଛନ୍ତି ।

## ୧୯ରୁ ମାଟ୍ରିକ ପରୀକ୍ଷା

# ୧୩୪ କେନ୍ଦ୍ରରେ ପରୀକ୍ଷା ଦେବେ ୨୮ ୬୧୭ ପରୀକ୍ଷାର୍ଥୀ

- କପି ରୋକିବାକୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା
- କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚାଇବାକୁ ୪୦ ଟିମ୍

ଖୋର୍ଦ୍ଧା,୧୧।୨(ସମିସ):

୨୦୨୬ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ବା ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ଗୋଟିଏ ସିଟିଂରେ ପରୀକ୍ଷା ହେବାକୁ ଥିବାବେଳେ ପ୍ରତ୍ୟକ ପରୀକ୍ଷା ଦିନ ସକାଳ ୯ଟାରେ ଆରମ୍ଭ ହୋଇ ୧୧ଟା ୩୦ରେ ଶେଷ ହେବ। କେବଳ ଗଣିତ ଦିନ ୧୧ଟା ୪୫ରେ ପରୀକ୍ଷା ଶେଷ ହେବ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଚଳିତବର୍ଷ ୩୩୮ ଟି ବିଦ୍ୟାଳୟର ମୋଟ ୨୮ ୬୧୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥିପାଇଁ ୧୩୪ଟି ପରୀକ୍ଷା କେନ୍ଦ୍ର କରାଯାଇଥିବାବେଳେ ଖୋର୍ଦ୍ଧା ଉପଖଣ୍ଡରେ ୬୪ଟି ଏବଂ ଭୁବନେଶ୍ୱର ଉପଖଣ୍ଡରେ ୭୦ଟି କେନ୍ଦ୍ର ରହିଛି।

ସେହିପରି ଶିକ୍ଷା ଜିଲ୍ଲାରେ ମୋଟ ୧୨ଟି ନୋଡାଲ ସେଂଟର କରାଯାଇଛି। ସେଥିରୁ ଭୁବନେଶ୍ୱର ଉପଖଣ୍ଡରେ କ୍ୟାପିଟାଲ ହାଇସ୍କୁଲ ୟୁନିଟ-୩, ଅଶୋକନଗର ସରକାରୀ ଉଚ୍ଚ ବିଦ୍ୟାଳୟ ୟୁନିଟ-୧, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ୟୁନିଟ -୮ ଭୁବନେଶ୍ୱର, ପି.ଏସ. ନୋଡାଲ ଉଚ୍ଚ ବିଦ୍ୟାଳୟ ବାଲକାଟି, ଏସ.ବି. ଉଚ୍ଚ ବିଦ୍ୟାଳୟ ବାଲିପାଟଣା ଏବଂ ପିଏନ ଉଚ୍ଚ ବିଦ୍ୟାଳୟ ଜଟଣୀକୁ ମିଶାଇ ୬ଟି ନୋଡାଲ ସେଂଟର କରାଯାଇଛି। ଏଥିସହିତ ଖୋର୍ଦ୍ଧା ଉପଖଣ୍ଡରେ ବିଜେବି ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧା, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ବେଗୁନିଆ, ବାମନ ଉଚ୍ଚ ବିଦ୍ୟାଳୟ ବୋଲଗଡ, ବଳରାମଦେବ ବିଦ୍ୟାପୀଠ ଟାଙ୍ଗୀ, ସରକାରୀ ଉଚ୍ଚ ବିଦ୍ୟାଳୟ ବାଲୁଗାଁ ଏବଂ ଗୋଦାବରୀଶ ଉଚ୍ଚ ବିଦ୍ୟାଳୟ ବାଣପୁର କୁ ମିଶାଇ ୬ଟି ନୋଡାଲ ସେଂଟର କରାଯାଇଛି। ଚଳିତ ବର୍ଷ ୫୦ଟି ପରୀକ୍ଷା କେନ୍ଦ୍ର ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ଉକ୍ତ କେନ୍ଦ୍ର ଗୁଡିକରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି।

ସେହିପରି ଓଡିଶା ମୁକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ୨ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଏହି କେନ୍ଦ୍ରରେ ୩୩୨ ଏବଂ ବ୍ୟାକ ପେପର ଥିବା ୪୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେଂଟର ରେ ପ୍ରଶ୍ନପତ୍ର ପହଁଚାଇବା ଲାଗି ୪୦ଟି ଟିମ ଗଠନ କରାଯାଇଛି। ତନ୍ମଧ୍ୟରେ ଭୁବନେଶ୍ୱର ଉପଖଣ୍ଡରେ ୨୦ଟି ଏବଂ ଖୋର୍ଦ୍ଧା ଉପଖଣ୍ଡରେ ୨୦ଟି ଟିମ୍ ରହିଛି। ଏହି ଟିମ୍ କଡା ସୁରକ୍ଷା ବଳୟ ଭିତରେ ପ୍ରଶ୍ନପତ୍ରକୁ ନେଇ ପରୀକ୍ଷାକେନ୍ଦ୍ରରେ ପହଞ୍ଚାଇବେ।

ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ସୂଚନା ଅନୁସାରେ, ପ୍ରଶ୍ନପତ୍ରର ଭାଇରାଲ ରୋକିବା ପାଇଁ ମାଟ୍ରିକ ପ୍ରଶ୍ନପତ୍ରରେ ୱାଟର ମାର୍କ, ଷ୍ଟାଟିକ କ୍ୟୁ ଆର କୋର୍ଡ ଓ ଡାଇନାମିକ କୋର୍ଡ ବ୍ୟବସ୍ଥା କରାଯାଇଛି। ପରୀକ୍ଷାର ସୁପରିଚାଳନା ପାଇଁ ଜିଲ୍ଲାରେ ଜଣେ ଜଣେ ଅତିରିକ୍ତ ଏସ୍‌ପି ଓ ଜଣେ ଜଣେ ଡ଼ିଏସ୍‌ପିଙ୍କୁ ନୋଡାଲ ଅଫିସର ଦାୟିତ୍ୱ ଦିଆଯାଇଛି। ମାଟ୍ରିକ ପରୀକ୍ଷାରେ ହେଉଥିବା ୭ଟି ଯାକ ବିଷୟର ସମସ୍ତ ପ୍ରଶ୍ନପତ୍ରରେ ରହିବ ୱାଟର ମାର୍କ ଓ କ୍ୟୁ ଆର କୋର୍ଡ଼। କିନ୍ତୁ କେବଳ ୩ଟି ବିଷୟର ପ୍ରଶ୍ନପତ୍ରରେ ରହିବ ଡାଇନାମିକ କୋର୍ଡ଼। ଡାଇନାମିକ କୋର୍ଡ଼ ବୋର୍ଡର ଆଉ ଏକ ଅଭିନବ ବ୍ୟବସ୍ଥା ବୋଲି ସୂଚନା ଦେଇଛନ୍ତି।

ସେହିପରି ପରୀକ୍ଷାକୁ ତ୍ରୁଟିଶୂନ୍ୟ କରିବାକୁ ଆସନ୍ତା ୧୩ ତାରିଖ ଶୁକ୍ରବାର ଦିନ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପରୀକ୍ଷା କେନ୍ଦ୍ର ସୁପରିଟେଣ୍ଡେଂଟ କୁ ନେଇ ଏକ ବୈଠକ କରାଯିବ। ପରୀକ୍ଷା କେନ୍ଦ୍ରରେ କପି ରୋକିବାକୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମାଧ୍ୟମିକ ବୋର୍ଡ଼ ପରିଷଦ (ବୋର୍ଡ଼) ପକ୍ଷରୁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୋଟିଏ ଜିଲ୍ଲା ସ୍ତରୀୟ ସ୍କ୍ୱାଡ୍ ଗଠନ ହୋଇଛି। ସେହିପରି ଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ଏକ ସ୍କ୍ୱାଡ୍ ଗଠନ କରାଯାଇଛି ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ରାୟ ସୂଚନା ଦେଇଛନ୍ତି।

## ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଖୋର୍ଦ୍ଧା,୧୧।୨(ସମିସ): ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ରଥଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ବିଶିଷ୍ଟ ଶିକ୍ଷାବିତ୍ ତଥା 'ଆମରି ସତ୍ୟ' ପତ୍ରିକାର ପ୍ରତିଷ୍ଠାତା ପ୍ରମୋଦ ଚନ୍ଦ୍ର ଦାସ ଯୋଗଦେଇ ଛାତ୍ରୀମାନଙ୍କୁ ଏକ ଦିକ୍ଷାନ୍ତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଶିକ୍ଷଣ ପ୍ରତିଷ୍ଠାନ ଖୋର୍ଦ୍ଧାର ଅଧକ୍ଷ ତାପସ କୁମାର ନାୟକ, ସମ୍ମାନିତ ଅତିଥିଭାବେ ସଂଯୁକ୍ତା କର ଓ ଫଚସଖା ଶିକ୍ଷା ସେତୁ ସଂଗଠନର ଅଧକ୍ଷ ତିଳୋତମା ପଟ୍ଟନାୟକ, ଅରୁଣ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଟିକିରାଣୀ ଦାସଙ୍କୁ ସତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ସଭାକାର୍ଯ୍ୟକୁ ବିଭୂତି ଭୂଷଣ ଜେନା ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ଶର୍ମିଷ୍ଠା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ମଦ ସହ ସ୍କୁଟି ଜବତ, ୨ ଗିରଫ

ବାଲୁଗାଁ,୧୧।୨ (ସମିସ): ବାଲୁଗାଁ ଅବକାରୀ ଟିମ ବୁଧବାର ପୂର୍ବାହ୍ନରେ ପୃଥକ ଭାବେ ଦୁଇଟି ସ୍ଥାନରେ ଚଢ଼ଉ କରି ସମୁଦାୟ ୨୫.୫ ଲିଟର ଦେଶୀ ଓ ବିଦେଶୀ ମଦ ସମେତ ଗୋଟିଏ ସ୍କୁଟି ଗାଡି ଜବତ କରିବା ସହ ଏଥିରେ ସମ୍ପୃକ୍ତ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ବିଭାଗ। ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ତଥା ବାଲୁଗାଁ ଅବକାରୀ ଭାରପ୍ରାପ୍ତ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ଅବକାରୀ ଟିମ ବୁଧବାର ସକାଳେ ବାଣପୁର ଥାନା ଅନ୍ତର୍ଗତ ମଙ୍ଗରାଜପୁର ଛକ ନିକଟ ଏବଂ ବାଁଲେଇ ଗ୍ରାମ ରାସ୍ତାରେ ପୃଥକ ଭାବେ ଚଢ଼ଉ କରି ଏକ ସ୍କୁଟି ଗାଡିରେ ବେଆଇନ ଭାବେ ଚୋରା ମଦ ଚାଲାଣ କରିବା ସହ ଚୋର ମଦ ବିକ୍ରୀ କରୁଥିବା ବାଣପୁର ଥାନା ଅଧିନ ବାଲିପଦର ଗ୍ରାମର ଭରତ ପ୍ରଧାନ (୫୨) ଏବଂ ବାଁଲେଇ ଗ୍ରାମର ନିଳକଣ୍ଠ ଭୋଳ (୫୬)କୁ ଗିରଫ ସେମାନଙ୍କ ନିକଟରୁ ୨୦ ଲିଟର ଦେଶୀ ମଦ ୫.୫ ଲିଟର ବିଦେଶୀ ମଦ ସମେତ ବେଆଇନ ମଦ ଚାଲାଣରେ ବ୍ୟବହୃତ ଏକ ସ୍କୁଟି ଗାଡି ଜବତ କରିଛି ଅବକାରୀ ବିଭାଗ। ଏ ସଂକ୍ରାନ୍ତରେ ଦୁଇଟି ପୃଥକ ମାମଲା ରୁଜୁ କରି ଗିରଫ ଦୁଇ ଅଭିଯକ୍ତଙ୍କୁ କୋର୍ଟ .ଲାଣ କରିଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

**■ ବାପ, ପୁଅଙ୍କୁ ଆକ୍ରମଣ ଘଟଣା**

## କୋହଲ ଦଫା ନେଇ ଅଭିଯୋଗ ଆଣିଲେ ପରିବାର

ଖୋର୍ଦ୍ଧା,୧୧।୨(ସମିସ): ଆଦର୍ଶ ଥାନା ଅନ୍ତର୍ଗତ ଚିଙ୍ଗୁଡିଝର ଢାବା ନିକଟରେ ଇଲୋକ୍ଟ୍ରୋନିକ୍ସ ପାର୍ଟସ ଦୋକାନ ଦେଇଥିବା ସାଙ୍ଗରଧର ବଡଜେନା ଏବଂ ପୁଅ ସ୍ନେହାଶିଷଙ୍କୁ ଗତ ୩୦ ତାରିଖରେ ମରଣାନ୍ତକ ଆକ୍ରମଣ ଘଟଣାରେ କୋହଲ ଦଫା ପ୍ରତିବାଦରେ ପରିବାର ପକ୍ଷରୁ ଜିଲା ଆରକ୍ଷୀ ଅଧକ୍ଷକଙ୍କ ନିକଟରେ ଲିଖତ ଅଭିଯୋଗ କରାଯାଇଛି।

ଅଭିଯୋଗ ଅନୁଯାୟୀ ଉକ୍ତ ରାତି ପ୍ରାୟ ୧୦ଟା ସମୟରେ ବାପା ପୁଅ ଦୋକାନ ବନ୍ଦ କରୁଥିଲେ । ଏହି ସମୟରେ ବୋଲଗଡ ଥାନା ଅନ୍ତର୍ଗତ ମାଣିକାଗୋଡ଼ା ଗ୍ରାମର ସାହିଦ ଆଫ୍ରିଦ ମାରଣାସ୍ତ୍ରରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ ଓ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟ ଖୋର୍ଦ୍ଧା ପରେ ଭୁବନେଶ୍ୱର ଏମସକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ସ୍ନେହାଶିଷଙ୍କ ପତ୍ନୀ ଥାନାରେ ଲିଖତ ଅଭିଯୋଗ କରିଥିଲେ। ଉଭୟ ବାପା, ପୁଅଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ବେଳେ ପୁଲିସ ପକ୍ଷରୁ କୋହଳ ଦଫା ଲଗାଯାଇଛି । ଦଫା ୧୨୬(୨), ୧୧୫(୨), ୧୧୮(୨), ୨୯୬, ୩୫୧(୩), ୩(୫) ଲଗାଯାଇଥିବା ବେଳେ ହତ୍ୟା ଉଦ୍ୟମ(୧୦୯) କାହିଁକି ଲଗାଯାଇନାହିଁ ବୋଲି ଅଭିଯୋଗକାରୀ ପ୍ରଶ୍ନ କରିଛନ୍ତି। ଫଳରେ ଏହି କେଶ୍ ର କୌଣସି ମୂଲ୍ୟ ନାହିଁ ବୋଲି ଅଭିଯୋଗକାରୀ ଦର୍ଶାଇଛନ୍ତି। ଅନ୍ୟପଟେ ଘଟଣାକୁ ୧୨ଦିନ ବିତିଲାଣି ପୁଲିସ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ । ପରିବାର ଲୋକେ ଅତ୍ୟନ୍ତ ଭୟଭିତ ଅବସ୍ଥାରେ ରହିଥିବା କହିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ସଞ୍ଜୟ ନାୟକଙ୍କ କହିବା କଥା କୌଣସି କୋହଳ ଦଫା ଲଗାଯାଇନାହିଁ। ଘଟଣାର ତଦନ୍ତ ଜାରି ରହିଛି।

## ବ୍ରାଉନସୁଗର ବେପାରୀକୁ ୧୦ବର୍ଷ କାରାଦଣ୍ଡ

ଖୋର୍ଦ୍ଧା,୧୧।୨(ସମିସ): ଏକ ବ୍ରାଉନସୁଗାର ମାମଲାର ରାୟ ବିଚାର କରି ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ରଞ୍ଜୁଲତା ଲେଙ୍କା ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ଓ ଏକ ଲକ୍ଷ ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଏକ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ସ୍ୱପ୍ନେଶ୍ୱର ସାହିର ମାନସ ସାହୁ (୨୬)। ଗତ ୨୦୨୧ ଏପ୍ରିଲ ୬ରେ କଟକ ଅବକାରୀ ମୋବାଇଲ ୟୁନିଟ୍ ମହିଳା ମହାବିଦ୍ୟାଳୟ ରାସ୍ତା ନିକଟରୁ ମାନସଙ୍କୁ ଧରିଥିଲା। ତାଙ୍କ ଠାରୁ ୩୨୫ଗ୍ରାମ ବ୍ରାଉନସୁଗର ଏବଂ ନଗଦ ୧୫ ହଜାର ଟଙ୍କା ଜବତ କରିଥିଲା। ଏନ୍‌ଡିପିଏସ୍ ଆକ୍ଟରେ ଅବକାରୀ ବିଭାଗ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଖୋର୍ଦ୍ଧା କୋର୍ଟରେ ତାଙ୍କ ମାମଲା ବିଚାରଧିନ ରହିଥିଲା। ଆଜି ଏହି ମାମଲାର ବିଚାର କରି କୋର୍ଟ ସାକ୍ଷ୍ୟପ୍ରମାଣ ଭିତି କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସତନ୍ତ୍ର ଓ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ରଜନୀକାନ୍ତ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

## ଆଇଚର ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ

ବେଗୁନିଆ, ୧୧।୨(ସମିସ): ବେଗୁନିଆ ଥାନା ଅନ୍ତର୍ଗତ ଗଡମାଣିତିର ଫାଣ୍ଡି ଅଧିନସ୍ଥ ଡାଲତୋଳା ନିକଟରେ ମଧ୍ୟାହ୍ନ ସମୟରେ ଏକ ଆଇଚର ସହିତ ବାଇକ ଧକ୍କା ଯୋଗୁଁ ଚାଳକ ଜଣକ ଗୁରୁତର ଭାବେ ଆହତ ହୋଇଥିଲେ। ତୁରନ୍ତ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଗୁରୁତର ଥିବାରୁ ଏମସକୁ ସ୍ଥାନାନ୍ତର କରାଯାଇ ଚିକିତ୍ସିତ ହେଉଥିବା ସମୟରେ ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ଘର ହେଉଛି ବେଗୁନିଆ ଥାନା ଅନ୍ତର୍ଗତ ଗଡ଼ମାଣତିର ଗ୍ରାମ ତଳଗଡ଼ର ଚନ୍ଦ୍ରଶେଖର ବିଶ୍ୱାଳ। ବେଗୁନିଆ ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁଙ୍କ ସୂଚନା ଅନୁଯାୟୀ ଚନ୍ଦ୍ରଶେଖର ଖୋର୍ଦ୍ଧା ଅଭିମୁଖେ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଆଇଚର ତାଙ୍କୁ ଡାଲତୋଳା ବଜାର ପୂର୍ବରୁ ଧକ୍କା ଦେଇଥିଲା। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର କରାଯିବ। ଏ ସମ୍ପର୍କରେ ଗଡ଼ମାଣତିର ଫାଣ୍ଡି କିମ୍ବା ବେଗୁନିଆ ଥାନାରେ ଖବର ଲେଖା ହେଲା ବେଳକୁ କୌଣସି ଅଭିଯୋଗ ହୋଇ ନାହିଁ ବୋଲି କହିଛନ୍ତି।

## ଆର୍ଯ୍ୟ ସମାଜର ତ୍ରିଦିବସୀୟ ବାର୍ଷିକ ଉତ୍ସବ

ବେଗୁନିଆ, ୧୧।୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଆର୍ଯ୍ୟ ସମାଜର ୩୭ ତମ ତ୍ରିଦିବସୀୟ ବାର୍ଷିକ ଉତ୍ସବ ଅବସରରେ ଯଜ୍ଞ, ଭଜନ ଓ ପ୍ରବଚନ ବେଦ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ନବ କିଶୋର ରଣାଙ୍କ ଅଧ୍ୟକ୍ଷତା ଓ କୋଷାଧ୍ୟକ୍ଷ ପ୍ରଶାନ୍ତ ପଣ୍ଡିତ ରାୟଙ୍କ ସଂଯୋଜନାରେ ଗାୟକ ଆହ୍ଲାଦ ସୁରେନ୍ଦ୍ର କୁମାର ଛୋଟରାୟ ମୁଖ୍ୟଅତିଥି, କନ୍ଧମାଳ ଜିଲ୍ଲା ତପୋବନ ବେଦ ବିଦ୍ୟା ଗୁରୁକୁଳ ଆଶ୍ରମର ସ୍ୱାମୀ ଆବାନନ୍ଦ ସରସ୍ୱତୀ ମୁଖ୍ୟବକ୍ତା, ସରପଞ୍ଚ ବିଜୟ ଲକ୍ଷ୍ମୀ ବେହେରା ଓ ସମାଜସେବୀ ନବ କିଶୋର ବିଧାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବେଦ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଦେଇ ସମାଜ ପରିବର୍ତ୍ତନ କରିବା ପାଇଁ ସହାୟକ ହୋଇଥାଏ ବୋଲି ମତ ପ୍ରକାଶ କରିଥିଲେ। ସଭାର ପ୍ରାରମ୍ଭରେ ସମ୍ପାଦକ ଶେଷଦେବ ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉପ ସଭାପତି ଦେବେନ୍ଦ୍ର କୁମାର ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

ବେଗୁନିଆ,୧୧।୨ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପକ୍ଷରୁ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଆର୍ଥିକ ସାକ୍ଷରତା ସପ୍ତାହ କାର୍ଯ୍ୟକ୍ରମଟି ୯ ତାରିଖରୁ ଆରମ୍ଭ ହୋଇଥିବା ବେଳେ ୧୩ ତାରିଖରେ ସମାପନ ହେବ। ଏଥିରେ ଦେଉଳି ସରପଞ୍ଚ ଅକ୍ଷୟ ରାଉତରାୟ ମୁଖ୍ୟ ଅତିଥି, ସ୍ଥାନୀୟ ବ୍ୟାଙ୍କ ଶାଖା ପରିଚାଳକ ଅଭିଷେକ ବେହେରା ମୁଖ୍ୟବକ୍ତା, ଏଲଡିଏମ ବ୍ୟାଙ୍କ ପରିଚାଳକ ବିକାଶ ବେହେରା ଓ ପ୍ରଦ୍ୟୁମ୍ନ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଇକେୱାଇସି, ଅଟଳ ବୀମା ଯୋଜନା, ଆର୍ଥିକ ଠକାମୀରୁ ସଜାଗ ରହିବା ପାଇଁ ୧୯୩୧ ଟୋଲଫ୍ରି ନମ୍ବର ବ୍ୟବହାର କରିବା ସହ ବ୍ୟାଙ୍କ୍ ସମ୍ବନ୍ଧୀୟ ସଚେତନ କରାଯାଇଥିଲା।

## ପୋଷ୍ଟ ଅଫିସ ଛକରେ ହେବ ଗୋଷ୍ଠୀ ଶୌଚାଳୟ

ଜଟଣୀ, ୧୧।୨(ସମିସ): ଜଟଣୀର ପ୍ରମୁଖ ବଜାର ଜଟଣୀ ପୌର ପରିଷଦ ପୋଷ୍ଟ ଅଫିସ ଛକ ମୋ ଜଟଣୀ ପାର୍କ ଠାରେ ଏକ ୬ସିଟ ବିଶିଷ୍ଟ ଗୋଷ୍ଠୀ ଶୌଚାଳୟ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଯାଇଛି । ସ୍ୱଚ୍ଛ ଭାରତ ମିଶନ ଅଧୀନରେ ହେବାକୁ ଯାଉଥିବା ଏହି ଶୌଚାଳୟରେ ୩ ଟି ସିଟ ମହିଳା ଏବଂ ୩ଟି ପୁରୁଷ ସିଟ ରହିବ। କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତୀ ରାଉତ, ସ୍ଥାନୀୟ କାଉନ ସିଲର ପ୍ରତିନିଧି ଲକ୍ଷ୍ମୀ ନାରାୟଣ ସ୍ୱାଇଁ, ପୋଷ୍ଟ ଅଫିସ ବଜାର କମିଟି ସଭାପତି ହେମନ୍ତ ସୁନ୍ଦରାୟ, ନିମାଇଁ ଚରଣ ଦାସ, ବିଭୁତି ମହାନ୍ତି, ଅକ୍ଷୟ ବଳିୟାରସିଂ, ରବୀନ୍ଦ୍ର ନାୟକ, ବିଜେଡି ନେତା ଆଶୁତୋଷ ପ୍ରତାପସିଂ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗଞ୍ଜେଇ ଜବତ, ୩ ମହିଳା ଗିରଫ



ବେଗୁନିଆ,୧୧।୨(ସମିସ): ବାଘମାରୀ ବଜାରର ବସ୍ ଷ୍ଟାଣ୍ଡ ନିକଟରୁ ୩ ମହିଳାଙ୍କ ଠାରୁ ୧୧ କେଜିରୁ ଅଧିକ ଗଞ୍ଜେଇ ଓ ତିନି ମୋବାଇଲ ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବାଘମାରୀ ଥାନା ଅଧିକାରିଣୀ ସୁଚିତ୍ରା ଜେନାଙ୍କ ସୂଚନା ଅନୁଯାୟୀ ସ୍ଥାନୀୟ ବସଷ୍ଟାଣ୍ଡ ନିକଟରେ ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲ୍ଲା ଅନ୍ତର୍ଗତ ଜଲଟାଙ୍କି ଗ୍ରାମର ଲକ୍ଷ୍ମୀ ମଣ୍ଡଳ, କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅନ୍ତର୍ଗତ ବଡକେଟା ଗ୍ରାମର ବନିତା ପ୍ରଧାନ ଓ କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅନ୍ତର୍ଗତ ବୁର୍ଡାକିଆ ଗ୍ରାମର ମିଲି ମଲ୍ଲିକ ଗଞ୍ଜେଇ ଧରି ଅପେକ୍ଷା କରିଥିବା ପୁଲିସ କୌଣସି ସୂତ୍ରରୁ ଖବର ପାଇ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି କହିଛନ୍ତି।

## ସମାଜସେବୀଙ୍କ ପରଲୋକ

ଟାଙ୍ଗୀ,୧୧।୨(ସମିସ): ଆଜି ମଧ୍ୟାହ୍ନରେ ଟାଙ୍ଗୀର ବରିଷ୍ଠ ନାଗରିକ ଅଭିମନ୍ୟୁ ପୃଷ୍ଟି (୮୫)ଙ୍କ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲ ରେ ପରଲୋକ ଘଟିଛି। ଆଜି ତାଙ୍କର ପାର୍ଥିବ ଶରୀର ଟାଙ୍ଗୀ ବସଷ୍ଟାଣ୍ଡ ସ୍ଥିତ ନିଜ ବାସଭବନରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କର ଅନ୍ତିମ ଦର୍ଶନ ପାଇଁ ଭୁବନେଶ୍ୱର ସାଂସଦ ପ୍ରତିନିଧି ଚିନ୍ମୟ ପୃଷ୍ଟି, ଦର୍ଶନ କୁମାର ସାହୁ, ସାମ୍ବାଦିକ ମନୋଜ କୁମାର ପଟ୍ଟନାୟକଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ତାଙ୍କର ଅନ୍ତେଷ୍ଟିକ୍ରିୟା ପୁରୀ ସ୍ୱର୍ଗଦ୍ୱାରଠାରେ କରାଯାଇଥିବା ବେଳେ କନିଷ୍ଠ ପୁତ୍ର ଲକ୍ଷ୍ମୀନାରାୟଣ ପୃଷ୍ଟି ମୁଖାଗ୍ନି ପ୍ରଦାନ କରିଥିଲେ। ପୁତ୍ର ଅନିଲ କୁମାର ପୃଷ୍ଟି ସମସ୍ତ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

## ନୀଳାମ୍ବୁ ମହୋତ୍ସବର ଷଷ୍ଠ ସନ୍ଧ୍ୟା

ଟାଙ୍ଗୀ,୧୧।୨(ସମିସ): ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଚାନ୍ଦପୁର ଦଶଦୋଳ ପଡିଆରେ ଅନୁଷ୍ଠିତ ଚତୁର୍ଥ ବାର୍ଷିକ ନୀଳାମ୍ବୁ ମହୋତ୍ସବର ଷଷ୍ଠ ସନ୍ଧ୍ୟା ଏକ ମନୋଜ୍ଞ ପରିବେଶରେ ପାଳିତ ହୋଇଯାଇଛି। ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥୀ ଭାବେ ଖୋର୍ଦ୍ଧା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଟାଙ୍ଗୀ ପଞ୍ଚାୟତସମିତି ଅଧକ୍ଷା ରିଙ୍କା ମାନଧାତା, ସଂପାଦକ ମନୋଜ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିଥିବା ବ୍ୟକ୍ତି ଡଃ ସୁଧିର ପାଣିଗ୍ରାହୀ, ଅବସରପ୍ରାପ୍ତ ସେନାନି ବିଜୟ କୁମାର ପ୍ରଧାନ, ଶିକ୍ଷାବିତ ଶିବପ୍ରସାଦ ସାହୁ ଓ,ଦେବରାଜ ସେଠୀ, ବିଶିଷ୍ଟ ବ୍ୟବସାୟୀ ତ୍ରିନାଥ ପରିମାଣିକ, ଗୋ ସେବକ ଅଜୟ କୁମାର ମହାନ୍ତି, କଣ୍ଠଶିଳ୍ପୀ ଆଲୋକ କୁମାର ସାହୁ ପ୍ରମୁଖଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ରଜନୀକାନ୍ତ ମିଶ୍ର, ପ୍ରଦିପ କୁମାର ମହାପାତ୍ର, କୋଷାଧକ୍ଷ ଦାମୋଦର ସାହୁ, ପ୍ରଶାନ୍ତ ବେହେରା, ଚନ୍ଦ୍ରଶେଖର ମିଶ୍ର, ମନୋଜ ଦାସ, ବିଜୟ କୁମାର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ରାଧାନାଥ ରଥଙ୍କ ଶ୍ରାଦ୍ଧ ଦିବସ

ଟାଙ୍ଗୀ,୧୧।୨(ସମିସ) : ଲୋକସେବକ ମଣ୍ଡଳର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଧାନାଥ ରଥଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଟାଙ୍ଗୀ ବୃଦ୍ଧାଶ୍ରମରେ ଫଳ ବଣ୍ଟନ କରାଯାଇଛି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ଡ଼ଃ ରାଧାନାଥ ରଥଙ୍କ ପୁଣ୍ୟ ତିଥିରେ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ତରଫରୁ ଟାଙ୍ଗୀ ବୃଦ୍ଧାଶ୍ରମର ଅନ୍ତେବାସୀ ମାନଙ୍କୁ ଫଳ, କଦଳୀ ଓ ବିସ୍କୁଟ ଇତ୍ୟାଦି ବଣ୍ଟନ କରିଥିବା ଜଣାପଡିଛି। କାର୍ଯ୍ୟକ୍ରମ ରେ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ସମ୍ପାଦକ ମନୋଜ କୁମାର ପଟନାୟକ, କୋଷାଧକ୍ଷ ଦାମୋଦର ସାହୁ ସଦସ୍ୟ ପ୍ରଦୀପ କୁମାର ମହାପାତ୍ର ଓ ଯୁବ ଉଦ୍ୟୋଗୀ ଦର୍ଶନ ସାହୁ ପ୍ରମୁଖ ସାମିଲ ଥିଲେ।

## ବିଜେବି ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ଖୋର୍ଦ୍ଧା, ୧୧।୨(ସମିସ): ଖୋର୍ଦ୍ଧା ଜିଲ୍ଲାର ବହୁ ପୁରାତନ ଏତିହ୍ୟ ସମ୍ପନ୍ନ ବକ୍ସି ଜଗବନ୍ଧୁ ବିଦ୍ୟାଧର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଭୁପ୍ରସାଦ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆତ୍ମ ବିଶ୍ୱାସ ଓ କଠିନ ପରିଶ୍ରମ ମାଧ୍ୟମରେ ସଫଳତା ହାସଲ କରିବାକୁ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ସହ ନୈତିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେବା ପାଇଁ ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥିଭାବେ ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା ଅଧିକାରୀ ଯାଜ୍ଞସେନୀ ସାହୁ ଓ ବୋଲଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ଯୋଗଦେଇ ବିଦ୍ୟାଳୟର ଶୈକ୍ଷିକ ଉନ୍ନତି ,ଶୃଙ୍ଖଳା ଓ ଛାତ୍ର ଛାତ୍ରୀଙ୍କର ପ୍ରତିଭାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ା ଓ ଶୈକ୍ଷିକ ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା ୧୭୦ ଜଣ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା।

**ବ୍ୟାଙ୍କ ବି ଏମିତି ଭୁଲ୍ କରିପାରେ**

## ଋଣ ପରିଶୋଧ ସତ୍ତ୍ୱେ ବ୍ୟାଙ୍କର କଡ଼ା ନୋଟିସ !

ଟାଙ୍ଗୀ,୧୧।୨(ସମିସ): ବ୍ୟାଙ୍କ ର ଋଣ ପରିଶୋଧ ପରେ ବି କର୍ତ୍ତୃପକ୍ଷ କଡା ପଦକ୍ଷେପ ନେବା ନେଇ ଜଣେ ହିତାଧିକାରୀଙ୍କୁ ଦେଇଥିବା ନୋଟିସ ଘଟଣା ଏବେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଯେତିକି ମହଙ୍ଗା ପଡିଛି ତା ଠାରୁ ଅଧିକ ବ୍ୟାଙ୍କର ମନମୁଖୀ ତଥା ସ୍ୱଛତା ନେଇ ସନ୍ଦେହ ସୃଷ୍ଟି କରିଛି। ବ୍ୟାଙ୍କ ମ୍ୟାନେଜରଙ୍କ ବିରୁଦ୍ଧରେ ଖାଉଟି ଅଦାଲତ ରେ ଅଭିଯୋଗ ସହ ଘଟଣା ସଂପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାପଡିଛି। ଚାନ୍ଦପୁର ଠାରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଏଭଳି ସଙ୍ଗୀନ ଭୁଲ କରିଥିବା ଘଟଣା ଏବେ ଲୋକଲୋଚନକୁ ଆସିବା ପରେ ବ୍ୟାଙ୍କ ପୁଣି ଏଭଳି ଭୁଲ କରିପାରେ ବୋଲି ବୁଦ୍ଧିଜୀବୀ ମହଲରେ ବିସ୍ମୟ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଚାନ୍ଦପୁର ଷ୍ଟେଟ ବ୍ୟାଙ୍କରୁ ଚାନ୍ଦପୁରର ଦର୍ଶନ କୁମାର ସାହୁ ଶ୍ରୀ ଦୁର୍ଗା ଏଣ୍ଟରପ୍ରାଇଜେସ ନାମରେ ଋଣ ନେଇ ଥିଲେ। ତେବେ

### ଅଦାଲତର ଦ୍ୱାରସ୍ଥ ହେଲେ ଋଣ ଗ୍ରହୀତା

ଲୋନ ନମ୍ବର ୩୧୮୩୭୪୧୫୯୫୮ ରେ ଗତ ଅଗଷ୍ଟ ମାସ ୩୧ ତାରିଖ ରେ ୧୧ ଲକ୍ଷ ୯୯ ହଜାର ୯୪୫ ଟଙ୍କା ୫୧ ପଇସା ଋଣ ପରିଶୋଧ କରିବା ପରେ ଋଣଗ୍ରହିତା ଙ୍କୁ ବ୍ୟାଙ୍କ ଋଣ ପରିଶୋଧ ପତ୍ର ମଧ୍ୟ ପ୍ରଦାନ କରିଥିଲେ। କିନ୍ତୁ ବ୍ୟାଙ୍କ କର୍ତ୍ତୃପକ୍ଷ ଋଣ ପରଶୋଧର ୬ ମାସ ପରେ ଗତ ୫ ତାରିଖ ରେ ସେହି ଟଙ୍କା ପୁନର୍ବାର ପରିଶୋଧ କରିବା ଉଲ୍ଲେଖ କରି ଏକ କଡା ପତ୍ର ପଠାଇଥିବା ଜଣାପଡିଛି। ଏପରିକି ସମ୍ପତି ଜବତ, ସିଭିଲରେ ପଦକ୍ଷେପ, ଆଇନ ଅନୁସାରେ କଡା ପଦକ୍ଷେପ ଉଲ୍ଲେଖ କରି ଏକ ପତ୍ର ପ୍ରଦାନ କରିଥିବା ଜଣାପଡିଛି। ଏଭଳି ସଙ୍ଗିନ ଭୁଲ ପତ୍ର ବିରୁଦ୍ଧରେ ହିତାଧିକାରୀ ଷ୍ଟେଟ ବ୍ୟାଙ୍କ ରିଜୋନାଲ ମ୍ୟାନେଜର, ଡେପୁଟି ଜେନେରାଲ ମ୍ୟାନେଜର, ଜେନେରାଲ ମ୍ୟାନେଜର, ଚିଫ ଜେନେରାଲ ମ୍ୟାନେଜର ଏପରିକି ଚାନ୍ଦପୁର ଷ୍ଟେଟ ବ୍ୟାଙ୍କ ମ୍ୟାନେଜରଙ୍କୁ ଏହାର ଏକକିତା ନକଲ ପ୍ରଦାନ କରିଥିବା ବେଳେ ଶ୍ରୀ ସାହୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଖାଉଟି ଅଦାଲତର ଏକ ନୋଟିସ କରିଥିବା ଜଣାପଡିଛି। ଶ୍ରୀ ସାହୁ ବ୍ୟାଙ୍କ ବିରୁଦ୍ଧରେ ମାନହାନି ମକଦ୍ଦମା କରିବା ,ବ୍ୟାଙ୍କ ମ୍ୟାନେଜର ପ୍ରଭୁ ପ୍ରସାଦ ବେହେରାଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି ସୂଚନା ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ଏହି ଚାନ୍ଦପୁର ଷ୍ଟେଟ ବ୍ୟାଙ୍କ ଟି ଦୀର୍ଘ ବର୍ଷ ଧରି ଶ୍ରୀ ସାହୁଙ୍କ ଘର ଭଡା ସୂତ୍ରରେ ନେଇ ବ୍ୟାଙ୍କ ଚାଲୁରହିଥିବା ଜଣାପଡିଛି। ଏଭଳି ଗୁରୁତର ତୃଟି ସଂପର୍କରେ ସମ୍ପୃକ୍ତ ଚାନ୍ଦପୁର ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ପ୍ରଭୁପ୍ରସାଦ ବେହେରାଙ୍କୁ ପଚାରିବାରେ ଏଭଳି ଭୁଲ ଜାଣିଶୁଣି କରାଯାଇନଥିବା ଓ ଦର୍ଶନ କୁମାର ସାହୁଙ୍କୁ କ୍ଷମା ପ୍ରାର୍ଥନା କରି ଏକ ପତ୍ର ପଠାଯାଇଥିଲେ ମଧ୍ୟ ସେ ଗ୍ରହଣ କରୁନଥିବା ସୂଚନା ପ୍ରଦାନ କରିଛନ୍ତି।

